ଓଡିଶା ସରକାର

# ବଜେଟ୍

## ଭାଗ - ୨

## ୨୦୨୨-୨୩




# ସାଧାରଣ

**ଶ୍ରୀ ନିରଞ୍ଜନ ପୂଜାରୀ**
**ଅର୍ଥମନ୍ତ୍ରୀଙ୍କ ଦ୍ୱାରା ଉପସ୍ଥାପିତ**
**୨ ଜୁଲାଇ, ୨୦୨୨**





**ମାନ୍ୟବର ବାଚସ୍ପତି ମହୋଦୟ !**

ମୁଁ ବର୍ତ୍ତମାନ **ସାଧାରଣ ବଜେଟ୍** ଉପସ୍ଥାପନ କରିବାକୁ ଯାଉଛି ।

## ବିତ୍ତୀୟ ପରିଚାଳନାର ମୁଖ୍ୟାଂଶ

**2.** ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ଦୁରଦର୍ଶୀ ନେତୃତ୍ୱରେ ଦକ୍ଷ ବିତ୍ତୀୟ ପରିଚାଳନା ଓ ସମ୍ବଳର ସୁବିନିଯୋଗ, ଆମ ସରକାରଙ୍କର ଆର୍ଥିକ ପରିଚାଳନା ପାଇଁ ମାର୍ଗଦର୍ଶକ ହୋଇଛି । ଆମେ ରାଜ୍ୟର ଅର୍ଥ ବ୍ୟବସ୍ଥାରେ ସ୍ଥିରତା ଆଣିପାରିଛୁ । ରାଜ୍ୟରେ ବିଗତ 17 ବର୍ଷ ଧରି କ୍ରମାଗତ ଭାବେ ରାଜସ୍ୱ ବଳକା ହେବା ଦ୍ୱାରା ଭିତ୍ତିଭୂମିର ସୃଷ୍ଟି ଓ ଜନ ସାଧାରଣଙ୍କର କଲ୍ୟାଣ ନିମନ୍ତେ ଅଧିକ ସମ୍ବଳ ବିନିଯୋଗ କରାଯାଇପାରିଛି ।

**3.** ବଳକା ରାଜସ୍ୱକୁ ସାମାଜିକ, ଭୌତିକ ତଥା ମାନବ ସମ୍ବଳ ସୃଷ୍ଟି ପାଇଁ ଫଳପ୍ରଦ ଭାବରେ ବିନିଯୋଗ କରାଯାଇଛି । ବିଗତ 22 ବର୍ଷ ମଧ୍ୟରେ, ବଜେଟ୍‌ର ଆକାର 17 ଗୁଣ ବୃଦ୍ଧି ପାଇଛି ଏବଂ ଚଳିତ ବର୍ଷ ଆମେ **2 ଲକ୍ଷ କୋଟି ଟଙ୍କା**ର ଐତିହାସିକ ବଜେଟ୍ ଉପସ୍ଥାପନ କରୁଛୁ । ଅଧିକ ମହତ୍ୱପୂର୍ଣ୍ଣ ହେଉଛି ଜନସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ବ୍ୟୟ ବରାଦର ଗୁଣବତ୍ତାରେ ଆସିଥିବା ଦୃଷ୍ଟାନ୍ତମୂଳକ ପରିବର୍ତ୍ତନ । ଏହି ଅବଧି ମଧ୍ୟରେ କାର୍ଯ୍ୟକ୍ରମ ବ୍ୟୟରେ **28 ଗୁଣ ବୃଦ୍ଧି** ଓ ପୁଞ୍ଜି ବ୍ୟୟରେ ପ୍ରାୟ **50 ଗୁଣ** ବୃଦ୍ଧି ଘଟିଛି ।

**4.** 2022-23ର ବ୍ୟୟ ଅଟକଳରେ **2 ଲକ୍ଷ କୋଟି ଟଙ୍କା** ଖର୍ଚ୍ଚ ହେବାର ପରିକଳ୍ପନା କରାଯାଇଛି । ଏହି ବର୍ଷ ପାଇଁ ମୋଟ **କାର୍ଯ୍ୟକ୍ରମ ବ୍ୟୟ** ବରାଦ **1 ଲକ୍ଷ କୋଟି ଟଙ୍କା** ହେବ, ଯାହା ବଜେଟ୍ ଆକାରର 50 ପ୍ରତିଶତ । ଅଧିକନ୍ତୁ ସରକାରୀ ଉଦ୍ୟୋଗମାନଙ୍କ ଦ୍ୱାରା ଏବଂ ବଜେଟ୍ ବହିର୍ଭୁତ ସମ୍ବଳ ଉତ୍ସରୁ **10 ହଜାର କୋଟି ଟଙ୍କା** ବ୍ୟୟ କରାଯିବ ।

**5.** 2022-23 ଆର୍ଥିକ ବର୍ଷ ଲାଗି ପ୍ରଶାସନିକ ରାଜସ୍ୱ ବ୍ୟୟ ବାବଦକୁ ମୋଟ 74 ହଜାର 2 ଶହ 61 କୋଟି ଟଙ୍କା ପ୍ରସ୍ତାବ ରହିଛି ଯେଉଁଥିରେ ଦରମା, ପେନ୍‌ସନ୍, ସୁଧ ଦେୟ ଓ ପୁଞ୍ଜି ସମ୍ପତ୍ତିର ରକ୍ଷଣା ବେକ୍ଷଣ ଲାଗି ଉଦ୍ଦିଷ୍ଟ ଯଥାକ୍ରମେ 29 ହଜାର 2 ଶହ 48 କୋଟି ଟଙ୍କା, 18 ହଜାର 2 ଶହ 21 କୋଟି ଟଙ୍କା, 8 ହଜାର 4 ଶହ 67 କୋଟି ଟଙ୍କା ଏବଂ 5

ହଜାର 8 ଶହ 56 କୋଟି ଟଙ୍କା ଅନ୍ତର୍ଭୁକ୍ତ । **Disaster Risk Management Fund** ପାଇଁ ବ୍ୟୟ ବରାଦର ପରିମାଣ **3 ହଜାର 2 ଶହ 10 କୋଟି** ଟଙ୍କା । **ସ୍ଥାନୀୟ ନିକାୟ ସଂସ୍ଥା ଓ ଉନ୍ନୟନ ସଂସ୍ଥାକୁ ହସ୍ତାନ୍ତର** ନିମନ୍ତେ **7 ହଜାର 2 ଶହ କୋଟି ଟଙ୍କା** ବ୍ୟୟ ବରାଦ ରହିଛି ।

**6.** 2022-23 ଆର୍ଥିକ ବର୍ଷ ପାଇଁ ପୁଞ୍ଜି ବ୍ୟୟ ଅଟକଳ ହେଉଛି **38 ହଜାର 7 ଶହ 32 କୋଟି ଟଙ୍କା**, ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର **5 ଦଶମିକ 4 ପ୍ରତିଶତ** ଅଟେ ଏବଂ ବିଗତ ବର୍ଷ ତୁଳନାରେ 56 ପ୍ରତିଶତ ଅଧିକ ଅଟେ । ଅତିରିକ୍ତ ଭାବେ ଋଣ ଓ ଅଗ୍ରୀମ, ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଅନୁଦାନ ଓ ଅନ୍ୟାନ୍ୟ ପୁଞ୍ଜି ସମ୍ପତ୍ତି ସୃଷ୍ଟି ପାଇଁ ଖର୍ଚ୍ଚକୁ ମିଶାଇ ମୋଟ **11 ହଜାର 9 ଶହ 33 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି, ଯାହା ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର **1 ଦଶମିକ 7 ପ୍ରତିଶତ** ଅଟେ ।

## 2022-23 ବାର୍ଷିକ ବଜେଟ୍ ପାଇଁ ଅର୍ଥ ଉତ୍ସ

**7.** ବ୍ୟୟ ଅଟକଳ ପାଇଁ ମୁଖ୍ୟତଃ ରାଜସ୍ୱ ପ୍ରାପ୍ତିରୁ **1 ଲକ୍ଷ 63 ହଜାର 9 ଶହ 67 କୋଟି ଟଙ୍କା** ଏବଂ ଋଣ ଓ ଅନ୍ୟାନ୍ୟ ବାବଦରୁ ମିଳିଥିବା **36 ହଜାର 33 କୋଟି ଟଙ୍କାରୁ** ଭରଣା କରାଯିବ ।

**8.** 2022-23 ଆର୍ଥିକ ବର୍ଷ ପାଇଁ ଆକଳିତ ମୋଟ ରାଜସ୍ୱ ପ୍ରାପ୍ତି ମଧ୍ୟରେ କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ଭାବେ **36 ହଜାର 9 ଶହ 78 କୋଟି ଟଙ୍କା**, ରାଜ୍ୟର ନିଜସ୍ୱ ଟିକସ **46 ହଜାର କୋଟି ଟଙ୍କା**, ନିଜସ୍ୱ ଅଣଟିକସ ରାଜସ୍ୱ **48 ହଜାର 2 ଶହ କୋଟି ଟଙ୍କା** ଓ କେନ୍ଦ୍ରୀୟ ଅନୁଦାନ ବାବଦକୁ ମିଳିବାକୁ ଥିବା **32 ହଜାର 7 ଶହ 89 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ଏପରି ଭାବେ **2022-23** ରେ **ନିଜସ୍ୱ ରାଜସ୍ୱ ଓ ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦ**ର ଅନୁପାତ **13 ଦଶମିକ 2 ପ୍ରତିଶତ** ହେବ । ରାଜ୍ୟ ବଜେଟ୍‌ରେ ଆମର ନିଜ ରାଜସ୍ୱର ଅଂଶ, କେନ୍ଦ୍ର ସରକାରଙ୍କଠାରୁ ପ୍ରାପ୍ତ ଅଂଶଧନ ଠାରୁ ଯଥେଷ୍ଟ ଅଧିକ । ଏହା ଆମ ଅର୍ଥନୈତିକ ପ୍ରଗତିର ଏକ ଲକ୍ଷଣ ।

## ପ୍ରମୁଖ ପ୍ରାଥମିକତା

**9.** ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ପରିକଳ୍ପନା ଅନୁଯାୟୀ ଓଡିଶା ସର୍ବାଙ୍ଗୀନ ବିକାଶ ପଥରେ ଅଗ୍ରସର ହେଉଛି । ତାଙ୍କର 5T ମନ୍ତ୍ର, ସରକାରଙ୍କର ସମସ୍ତ ବିକାଶମୂଳକ ଯୋଜନା ତଥା ରୂପାନ୍ତରଣକାରୀ କାର୍ଯ୍ୟସୂଚୀର ମୁଖ୍ୟ ଆଧାର ପାଲଟିଛି । ରାଜ୍ୟ ସରକାର Mission Modeରେ ସ୍ୱାସ୍ଥ୍ୟ ସେବା, ଶିକ୍ଷା ଏବଂ କୃଷି କ୍ଷେତ୍ରରେ ରୂପାନ୍ତରୀକରଣ ପାଇଁ ମହତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି । ଏହି ବଜେଟ୍, ମାନବ ସମ୍ବଳର ବିକାଶ, ଭୌତିକ ଓ ସାମାଜିକ ଭିତ୍ତିଭୂମି ସୃଷ୍ଟି, ବଞ୍ଚିତ ଏବଂ ଦୁର୍ବଳ ବର୍ଗ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ, ସଂଖ୍ୟା ଲଘୁ, ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକମାନଙ୍କ ସଶକ୍ତିକରଣ ମାଧ୍ୟମରେ ସାମୁହିକ ସମୃଦ୍ଧି ହାସଲ ଉପରେ ଗୁରୁତ୍ୱାରୋପ କରୁଛି ।

**10.** ଆମର ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ଆମ ରାଜ୍ୟକୁ ବିଗତ 22 ବର୍ଷ ଧରି ଏକ ସ୍ଥିର ସରକାର ଦେବା ସଙ୍ଗେ ସଙ୍ଗେ ନିରବଚ୍ଛିନ୍ନ ଭାବେ ରାଜ୍ୟ ଅର୍ଥନୀତିରେ ଅଭିବୃଦ୍ଧି ଆଣିଛି । ରାଜ୍ୟରେ ଦାରିଦ୍ର୍ୟ ଉଲ୍ଲେଖନୀୟ ଭାବେ ହ୍ରାସ ପାଇଛି, କୃଷକର ଆୟ ଦ୍ୱିଗୁଣିତ ହୋଇଛି ଏବଂ ଆର୍ଥିକ ସ୍ଥିରତା ସୁନିଶ୍ଚିତ କରାଯାଇଛି । ଆମେ, ସ୍ୱାସ୍ଥ୍ୟ, ଶିକ୍ଷା, କ୍ରୀଡା, ପର୍ଯ୍ୟଟନ, ଜଳସେଚନ, ସଡକ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରୁଛୁ । ଭିତ୍ତିଭୂମି ସୃଷ୍ଟି ପାଇଁ ଆମ ସରକାରଙ୍କର ପର୍ଯ୍ୟାପ୍ତ ବ୍ୟୟ, ଅଭିବୃଦ୍ଧି ସଂବେଗକୁ ଅତ୍ୟାବଶ୍ୟକୀୟ ଗତି ପ୍ରଦାନ କରିଛି । ଏହା ଦ୍ୱାରା ସାମଗ୍ରିକ ଘରୋଇ ଉତ୍ପାଦର ଅଭିବୃଦ୍ଧି ହାର 8 ରୁ 8.5 ପ୍ରତିଶତ ମଧ୍ୟରେ ବଜାୟ ରହିବ । ଏହା ମଧ୍ୟ ଦ୍ରୁତ ସହରୀକରଣକୁ ପ୍ରୋତ୍ସାହିତ କରିବା ସହିତ ଗ୍ରାମ ଓ ସହର ମଧ୍ୟରେ ଥିବା ବିଭେଦକୁ ବହୁ ମାତ୍ରାରେ ଦୂର କରିବାରେ ସହାୟକ ହୋଇଛି ।

ବର୍ତ୍ତମାନ ମୁଁ ଏହି ବଜେଟ୍‌ର ବିଭିନ୍ନ କ୍ଷେତ୍ର ପାଇଁ ଉଦ୍ଦିଷ୍ଟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଗୁଡିକ ଉପରେ ଆଲୋକପାତ କରିବାକୁ ଯାଉଛି ।

## ସ୍ୱାସ୍ଥ୍ୟ ଓ ସୁସ୍ଥତା

**11.** ରାଜ୍ୟରେ ସୁଦୃଢ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା ହାସଲ କରିବା ଲକ୍ଷ୍ୟରେ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ, "**ସମସ୍ତଙ୍କ ପାଇଁ ସ୍ୱାସ୍ଥ୍ୟସେବା ଏବଂ ପ୍ରତ୍ୟେକ ଜୀବନ ଗୁରୁତ୍ୱପୂର୍ଣ୍ଣ**" ବୋଲି ଆହ୍ୱାନ ଦେଇଛନ୍ତି । ସୁଲଭ ମୂଲ୍ୟରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବାର ସାର୍ବଜନୀନ ଉପଲବ୍ଧି ସୁନିଶ୍ଚିତ କରାଇବା ନିମନ୍ତେ ଆମ ସରକାର ପ୍ରତିଶୃତିବଦ୍ଧ । ବିଗତ କିଛି ବର୍ଷ ମଧ୍ୟରେ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ବ୍ୟୟ ଆଖିଦୃଶିଆ ଭାବେ ବୃଦ୍ଧି ପାଇଛି । ଜନସ୍ୱାସ୍ଥ୍ୟ ସେବା ପାଇଁ ମୋଟ **12 ହଜାର 6 ଶହ 24 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି, ଯାହା ପୂର୍ବବର୍ଷ ତୁଳନାରେ ପ୍ରାୟ 25 ପ୍ରତିଶତ ଅଧିକ ଅଟେ ।

**12.** ଦୁର୍ବଳ ପରିବାର ଏବଂ ମହିଳାଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଉପରେ ବିଶେଷ ଗୁରୁତ୍ୱ ପ୍ରଦାନ କରି ସାର୍ବଜନୀନ ସ୍ୱାସ୍ଥ୍ୟସେବା ଯୋଗାଇଦେବା ଲକ୍ଷ୍ୟରେ "**ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା**" ନାମକ ଏକ ଦିଗ୍‌ଦର୍ଶନକାରୀ ଯୋଜନାର ଶୁଭାରମ୍ଭ କରାଯାଇଛି । ଏହି ଯୋଜନା ମାଧ୍ୟମରେ ୨6 ଦଶମିକ 5 ଲକ୍ଷ ପରିବାରକୁ ପରିବାର ପିଛା 5 ଲକ୍ଷ ଟଙ୍କାର ବାର୍ଷିକ ନଗଦବିହୀନ ସ୍ୱାସ୍ଥ୍ୟସେବା ଓ ପରିବାରର ମହିଳା ସଦସ୍ୟାଙ୍କ ପାଇଁ ଅତିରିକ୍ତ 5 ଲକ୍ଷ ଟଙ୍କାର ନଗଦବିହୀନ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି । ଏହି କାର୍ଯ୍ୟକ୍ରମ ପାଇଁ **2 ହଜାର 6 ଶହ 64 କୋଟି ଟଙ୍କା** ବ୍ୟୟ ବରାଦ କରାଯାଇଛି । ଏଥିରେ ମାଗଣା ଔଷଧ ଯୋଗାଣ, ନିଦାନ ସେବା, ଘରୋଇ ଡାକ୍ତରଖାନାଗୁଡିକ ପ୍ରଦାନ କରିଥିବା ନଗଦବିହୀନ ଚିକିତ୍ସାର ପ୍ରତିପୂରଣ ଖର୍ଚ୍ଚ ଅନ୍ତର୍ଭୁକ୍ତ ।

**13.** ସମଗ୍ର ରାଜ୍ୟରେ ସ୍ୱାସ୍ଥ୍ୟସେବା ସୁବିଧାର ଉନ୍ନତିକରଣ ପାଇଁ "**ମୁଖ୍ୟମନ୍ତ୍ରୀ ସ୍ୱାସ୍ଥ୍ୟସେବା ମିଶନ**" ଅଧୀନରେ **2 ହଜାର 3 ଶହ 25 କୋଟି ଟଙ୍କା** ପ୍ରଦାନ କରିବା ପାଇଁ ପ୍ରସ୍ତାବ

ରହିଛି । ଏତଦ୍‌ବ୍ୟତୀତ, ମୁଁ "**ପରିବାର କଲ୍ୟାଣ ଯୋଜନା**" ଅଧିନରେ **5 ଶହ 14 କୋଟି ଟଙ୍କା** ଏବଂ "**ସ୍ୱାସ୍ଥ୍ୟ କ୍ଷେତ୍ରରେ ଆନୁସଙ୍ଗିକ ସେବାର ସୁଦୃଢ଼ୀକରଣ**" ପାଇଁ **6 ଶହ 52 କୋଟି ଟଙ୍କା** ବ୍ୟୟ ବରାଦ ପ୍ରସ୍ତାବ ଦେଉଛି । "**ଜାତୀୟ ସ୍ୱାସ୍ଥ୍ୟ ମିଶନ**" ଅଧୀନରେ **2 ହଜାର 1 ଶହ 56 କୋଟି ଟଙ୍କା** ଏବଂ "**ସ୍ୱାସ୍ଥ୍ୟ ଓ ଭେଷଜ ଶିକ୍ଷାରେ ମାନବ ସମ୍ବଳ**" ଯୋଜନା ଅଧିନରେ **3 ଶହ 12 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖାଯାଇଛି ।

14. ନୂଆପଡା, କଳାହାଣ୍ଡି, ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସ୍ତରରେ ସୁପର ସ୍ପେଶାଲିଟି ସେବା ଆବଶ୍ୟକ କରୁଥିବା ରୋଗୀମାନଙ୍କୁ ମାଗଣାରେ ସ୍ୱାସ୍ଥ୍ୟସେବା ଯୋଗାଇବା ଉଦ୍ଦେଶ୍ୟରେ ସରକାରଙ୍କ ଦ୍ୱାରା "**ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟ ସେବା**" ଯୋଜନାର ଶୁଭାରମ୍ଭ କରାଯାଇଛି । ସରକାରୀ ଭେଷଜ ମହାବିଦ୍ୟାଳୟର ବରିଷ୍ଠ ଡ଼ାକ୍ତରମାନେ ଆବଶ୍ୟକୀୟ ଉନ୍ନତମାନର ଚିକିତ୍ସା ଉପକରଣ ଓ ଆନୁସଙ୍ଗିକ ଦ୍ରବ୍ୟ ସହିତ ଅସ୍ତ୍ରୋପଚାର ଏବଂ ପରାମର୍ଶ ସେବା ଯୋଗାଇ ଦେବା ନିମନ୍ତେ ଏହି ଜିଲ୍ଲା ମୁଖ୍ୟାଳୟକୁ ଆକାଶ ମାର୍ଗରେ ଯାତ୍ରା କରିଥାନ୍ତି ।

## ଶିକ୍ଷା ଏବଂ ଦକ୍ଷତା ବିକାଶ

**ମାନ୍ୟବର ବାଚସ୍ପତି ମହୋଦୟ!**

15. ମୁଁ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କର ପ୍ରେରଣାଦାୟୀ ଉକ୍ତି – "**ପ୍ରତ୍ୟେକ ପିଲା ସ୍ୱତନ୍ତ୍ର**" **ଏବଂ ଯୁବବର୍ଗରେ ନିବେଶ ହେଉଛି ଭବିଷ୍ୟତ ପାଇଁ ନିବେଶ**"କୁ ଉଲ୍ଲେଖ କରିବା ପାଇଁ ଚାହୁଁଛି । ପ୍ରତ୍ୟେକ ଶିଶୁ ଓ ଯୁବବର୍ଗଙ୍କର ସ୍ୱପ୍ନକୁ ସାକାର କରିବା ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ନିମନ୍ତେ ଆମ ସରକାର ପ୍ରତିଶୃତିବଦ୍ଧ । ମୁଁ ଶିକ୍ଷା ଓ ଦକ୍ଷତା ବିକାଶ କ୍ଷେତ୍ର ପାଇଁ **27 ହଜାର 3 ଶହ 24 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖୁଛି ।

16. "**ଉଚ୍ଚ ବିଦ୍ୟାଳୟ ଗୁଡିକର ରୁପାନ୍ତରୀକରଣ**" କାର୍ଯ୍ୟକ୍ରମ ହେଉଛି ଶିକ୍ଷା କ୍ଷେତ୍ରରେ ଏକ ଉଚ୍ଚାଭିଳାଷୀ ପଦକ୍ଷେପ । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଭାଷାରେ - "**ପିଲାମାନଙ୍କୁ ସେମାନଙ୍କର ସ୍ୱପ୍ନକୁ ସାକାର କରିବାରେ ସାହାଯ୍ୟ କରିବା ଆମ ସମସ୍ତଙ୍କର**

**ଦାୟିତ୍ୱ ଏବଂ ସ୍ୱପ୍ନ ହିଁ ପ୍ରତ୍ୟେକ କ୍ଷେତ୍ରରେ ଛାତ୍ର ଜୀବନର ପଥ ପ୍ରଦର୍ଶକ**" । ପ୍ରତ୍ୟେକ କ୍ଷେତ୍ରରେ ଛାତ୍ରଛାତ୍ରୀମାନଙ୍କୁ ଉତ୍କର୍ଷ ସାଧନ କରିବା, ନୂତନ ବୈଷୟିକ ଜ୍ଞାନ ଆହରଣ କରିବା ଏବଂ ରାଜ୍ୟ ପାଇଁ ଗୌରବ ଆଣିବା ଲାଗି ସକ୍ଷମ କରାଇବା ପାଇଁ "**ଉଚ୍ଚ ବିଦ୍ୟାଳୟ ରୂପାନ୍ତରୀକରଣ ଯୋଜନା**" ତାଙ୍କର ଦୃଷ୍ଟିକୋଣର ଏକ ନିଦର୍ଶନ । ଓଡିଶା, "**5T ହାଇସ୍କୁଲ ରୂପାନ୍ତରୀକରଣ**" କାର୍ଯ୍ୟକ୍ରମର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟକୁ ସଫଳତାର ସହିତ ସଂପୂର୍ଣ୍ଣ କରି ସମଗ୍ର ରାଜ୍ୟରେ 6 ହଜାରରୁ ଉର୍ଦ୍ଧ୍ୱ ବିଦ୍ୟାଳୟକୁ ଏକ ନୂତନ ରୂପ ପ୍ରଦାନ କରିଛି ।

**17.** ଆମେ "**ମୋ ସ୍କୁଲ ଅଭିଯାନ**" ଅଧୀନରେ ଉଭୟ ଆର୍ଥିକ ସହାୟତା ଓ ସ୍ୱେଚ୍ଛାକୃତ ସେବା ତଥା ପୁରାତନ ଛାତ୍ର ଓ କର୍ପୋରେଟ୍ ସଂସ୍ଥାଗୁଡିକର ଅବଦାନ ଆକାରରେ ସମ୍ବଳ ସଂଗ୍ରହ କରିବାରେ ସକ୍ଷମ ହୋଇଛୁ । ଏହି ସମ୍ବଳ ଓ ଏହାର ଦୁଇ ଗୁଣ ପରିମାଣର ଅନୁରୂପ ଅନୁଦାନ, ଶ୍ରେଣୀଗୃହ ଓ ବିଦ୍ୟାଳୟ ଗୃହଗୁଡିକର ନବୀକରଣ, ଛାତ୍ର ଓ ଛାତ୍ରୀମାନଙ୍କ ପାଇଁ ପୃଥକ ଶୌଚାଳୟ ନିର୍ମାଣ, ମଧ୍ୟାହ୍ନ ଭୋଜନ କକ୍ଷ, ପାକଶାଳା, ମୁକ୍ତାକାଶ ପ୍ରେକ୍ଷାଳୟ, ପ୍ରାର୍ଥନା ଗୃହ, ପାନୀୟ ଜଳ ସୁବିଧା ଓ ଖେଳ ପଡିଆ ଇତ୍ୟାଦିର ଉନ୍ନତିକରଣ ପାଇଁ ଉପଯୋଗ କରାଯାଉଛି । ମୁଁ **ମୋ ସ୍କୁଲ ଅଭିଯାନ** ଅଧୀନରେ **6 ଶହ 46 କୋଟି ଟଙ୍କା** ଏବଂ **ଉଚ୍ଚ ବିଦ୍ୟାଳୟର ରୁପାନ୍ତରୀକରଣ ଯୋଜନା** ଅଧୀନରେ **1 ଶହ କୋଟି ଟଙ୍କା** ବ୍ୟୟବରାଦ ପ୍ରସ୍ତାବ ରଖୁଛି ।

**18.** ସେହିପରି, ଉଚ୍ଚଶିକ୍ଷା ପରିବେଶର ଉନ୍ନତିକରଣ ପାଇଁ **ମୋ କଲେଜ ଅଭିଯାନ** ହେଉଛି ଏକ ପ୍ଲାଟଫର୍ମ । ଏହି ଯୋଜନା ପାଇଁ ସମ୍ବଳ "ମୋ ସ୍କୁଲ ଅଭିଯାନ" ପରି ସଂଗ୍ରହ କରାଯାଏ। ଏହି ଯୋଜନା ପାଇଁ **11 କୋଟି ଟଙ୍କା**ର ବ୍ୟୟ ବରାଦର ପ୍ରସ୍ତାବ ରଖୁଛି ।

**19.** ମୁଁ "**ସମଗ୍ର ଶିକ୍ଷା**" ପାଇଁ **3 ହଜାର 5 ଶହ 81 କୋଟି ଟଙ୍କା**, ଏବଂ "**ମଧ୍ୟାହ୍ନ ଭୋଜନ ଯୋଜନା**" ପାଇଁ **8 ଶହ 51 କୋଟି ଟଙ୍କା**ର ବ୍ୟୟ ବରାଦ ପ୍ରସ୍ତାବ ରଖୁଛି । ଏଥିସହ ମଧ୍ୟାହ୍ନ ଭୋଜନ ନିମନ୍ତେ ରୋଷେଇ ଖର୍ଚ୍ଚ ବହନ କରିବା ପାଇଁ ରାଜ୍ୟ ସହାୟତା ଭାବରେ **90 କୋଟି ଟଙ୍କା** ପ୍ରଦାନ କରାଯାଇଛି । ପ୍ରଥମରୁ ପଞ୍ଚମ ଶ୍ରେଣୀର ସମସ୍ତ ଛାତ୍ରାଛାତ୍ରୀଙ୍କୁ ମାଗଣାରେ ସ୍କୁଲ ବ୍ୟାଗ, ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣାରେ ପାଠ୍ୟ ପୁସ୍ତକ, ସ୍କୁଲ

ୟୁନିଫର୍ମ ସହିତ ଜୋତା ଏବଂ ସରକାରୀ ତଥା ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ, ସଂସ୍କୃତ ଟୋଲ ଏବଂ ମଦ୍ରାସାରେ ନବମ ଶ୍ରେଣୀର ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀଙ୍କୁ ବିନାମୂଲ୍ୟରେ ସାଇକେଲ ଯୋଗାଇ ଦେବାପାଇଁ "**ଗଙ୍ଗାଧର ମେହେର ଶିକ୍ଷା ମାନକବୃଦ୍ଧି ଯୋଜନା**" ଅଧିନରେ ମୁଁ **1 ଶହ 93 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରଖୁଛି ।

**20.** ପ୍ରତ୍ୟେକ ବ୍ଲକରେ ଗୋଟିଏ **ଓଡିଶା ଆଦର୍ଶ ବିଦ୍ୟାଳୟ** ପ୍ରତିଷ୍ଠା କରିବା ପାଇଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ନିଷ୍ପତ୍ତି ଅନୁସାରେ ଏପର୍ଯ୍ୟନ୍ତ 2 ଶହ 50ଗୋଟି ବ୍ଲକରେ ସମାନ ସଂଖ୍ୟକ ବିଦ୍ୟାଳୟ କାର୍ଯ୍ୟକ୍ଷମ ହୋଇଛି ଏବଂ ଏଥିରେ 40 ହଜାରରୁ ଉର୍ଦ୍ଧ୍ୱ ଛାତ୍ର ଛାତ୍ରୀ ନାମ ଲେଖାଇଛନ୍ତି । ଆମେ 2022-23 ଶିକ୍ଷା ବର୍ଷରେ 64ଟି ନୂତନ ଓଡିଶା ଆଦର୍ଶ ବିଦ୍ୟାଳୟ ଏବଂ ଭୁବନେଶ୍ୱରର ଅନ୍ଧାରୁଆ ଠାରେ ଏକ Iconic ଓଡିଶା ଆଦର୍ଶ ବିଦ୍ୟାଳୟ କାର୍ଯ୍ୟକ୍ଷମ କରିବାକୁ ଯୋଜନା କରୁଛୁ । ମୁଁ ଏହି ବିଦ୍ୟାଳୟଗୁଡିକର ପ୍ରତିଷ୍ଠା ଓ ପରିଚାଳନା ନିମନ୍ତେ **4 ଶହ 20 କୋଟି ଟଙ୍କା** ପ୍ରଦାନ ନିମନ୍ତେ ପ୍ରସ୍ତାବ ରଖୁଛି ।

**21.** ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଛାତ୍ରଛାତ୍ରୀମାନଙ୍କ ଶିକ୍ଷା ଓ ଦକ୍ଷତା ବିକାଶ ହେଉଛି ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ସର୍ବୋଚ୍ଚ ପ୍ରାଥମିକତା । 4 ହଜାର 3 ଶହରୁ ଉର୍ଦ୍ଧ୍ୱ ଆବାସିକ ଶିକ୍ଷା ପ୍ରତିଷ୍ଠାନରେ 5 ଲକ୍ଷ 75 ହଜାରରୁ ଅଧିକ ଅନୁସୂଚିତ ଜାତି ଓ ଅନୁସୂଚୀତ ଜନଜାତି ଅନ୍ତେବାସୀ ଶିକ୍ଷା ଗ୍ରହଣ କରୁଛନ୍ତି । ଅନୁସୂଚିତ ଜନଜାତି ଛାତ୍ରୀମାନଙ୍କ ପାଇଁ ଛାତ୍ରୀ ନିବାସ ଓ ସହରାଞ୍ଚଳରେ ହଷ୍ଟେଲ କମ୍ପ୍ଲେକ୍ସ ନିର୍ମାଣ ପାଇଁ "**ଆକାଂକ୍ଷା**" ଯୋଜନା ଅଧୀନରେ **5 ଶହ 38 କୋଟି ଟଙ୍କା** ପ୍ରଦାନ କରାଯାଉଛି । ପ୍ରାୟ **19 ଲକ୍ଷ** ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପଛୁଆବର୍ଗର ମେଧାବୀ ଶିକ୍ଷାର୍ଥୀଙ୍କୁ ପ୍ରି-ମାଟ୍ରିକ ଓ ପୋଷ୍ଟ-ମାଟ୍ରିକ ଛାତ୍ରାବୃତ୍ତିକୁ ସିଧାସଳଖ ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ୍ ଖାତାକୁ DBT ପ୍ରକ୍ରିୟାରେ "**ପ୍ରେରଣା**" ପୋର୍ଟାଲ ମାଧ୍ୟମରେ ଦିଆଯାଉଛି । 2022-23 ଆର୍ଥିକ ବର୍ଷରେ ମୁଁ ଏଥିପାଇଁ **6 ଶହ 42 କୋଟି ଟଙ୍କା**ର ପ୍ରସ୍ତାବ ରଖୁଛି ।

**22.** ସହରାଞ୍ଚଳର ସର୍ବୋତ୍ତମ ଇଂରାଜୀ ମାଧ୍ୟମ ବିଦ୍ୟାଳୟମାନଙ୍କରେ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ବିଦ୍ୟାର୍ଥୀମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ, ସେମାନଙ୍କର ଟ୍ୟୁସନ

ଫି, ୟୁନିଫର୍ମ, ପୁସ୍ତକ, ପରିବହନ, ଖାଦ୍ୟ ଓ ଆବାସ ଇତ୍ୟାଦି ପାଇଁ "**ଅନ୍ୱେଷା**" ଯୋଜନା ଅଧୀନରେ **3 ଶହ 43 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

**23.** ଏକ ଶିକ୍ଷିତ ସମାଜ ଗଠନ ତଥା ଯୁବ ବର୍ଗ ପାଇଁ ଉତ୍ତମ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ଗୁଣାତ୍ମକ ଉଚ୍ଚଶିକ୍ଷା ଜରୁରୀ । ବିଗତ କିଛି ବର୍ଷ ମଧ୍ୟରେ ଅନେକ ଜାତୀୟ ଖ୍ୟାତିସମ୍ପନ୍ନ ଅନୁଷ୍ଠାନ ଯଥା- IIT, IIM, AIIMS, NISER, IISER, NIT, NIFT, IIIT, ଏବଂ NLU ପ୍ରତିଷ୍ଠା ହେବା ଫଳରେ, ଓଡିଶା ଏକ ଶୈକ୍ଷିକ କେନ୍ଦ୍ରରେ ପରିଣତ ହୋଇଛି ।

**24.** Odisha University of Technology and Research (OUTR)ର ଭିତ୍ତିଭୂମିର ବ୍ୟାପକ ରୂପାନ୍ତରୀକରଣ ଓ ମାନବ ସମ୍ବଳର ବିକାଶ ନିମନ୍ତେ 3 ବର୍ଷ ମଧ୍ୟରେ ପର୍ଯ୍ୟାୟକ୍ରମେ **1 ହଜାର 5 ଶହ କୋଟି ଟଙ୍କା** ବ୍ୟୟ କରାଯିବ ।

**25.** ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡିକର ଭିତ୍ତିଭୂମିର ବିକାଶ ପାଇଁ **1 ଶହ 65 କୋଟି ଟଙ୍କା**, ଲାପଟପ୍ ବିତରଣ, ବୃତ୍ତି ସମ୍ପର୍କିତ ପରାମର୍ଶ ଏବଂ ତାଲିମ ପ୍ରଦାନ ନିମନ୍ତେ **46 କୋଟି ଟଙ୍କା** ଏବଂ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ପ୍ରଦାନ ନିମନ୍ତେ **43 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

**26.** ମୁଁ **ରାଷ୍ଟ୍ରୀୟ ଉଚ୍ଚତର ଶିକ୍ଷା ଅଭିଯାନ** (RUSA) ଯୋଜନା ପାଇଁ **1 ଶହ 78 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ବିଶ୍ୱବ୍ୟାଙ୍କର ଆର୍ଥିକ ସହାୟତାରେ **ଓଡିଶାରେ ଉଚ୍ଚଶିକ୍ଷାର ସୁଦୃଢୀକରଣ** ପାଇଁ **2 ଶହ 58 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**27.** ଭୁବନେଶ୍ୱରରେ "World Skills Centre"ର ପ୍ରତିଷ୍ଠା ପରେ ଆମର ଉଚ୍ଚାଭିଳାଷି "Skilled-in-Odisha" ବିଶ୍ୱସ୍ତରୀୟ ପରିଚୟ ଲାଭ କରିଛି । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ଆମର ପ୍ରଶିକ୍ଷାର୍ଥୀମାନେ ସର୍ବୋତ୍କୃଷ୍ଟ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଆମ ଯୁବଶକ୍ତିର ସାମର୍ଥ୍ୟର ସଦୁପଯୋଗ ପାଇଁ ଦକ୍ଷତା ବିକାଶ ଏକ ପ୍ରମୁଖ କୌଶଳ ରୂପେ ବିବେଚିତ ହୋଇଆସୁଛି । **ବୈଷୟିକ ବିଶ୍ୱବିଦ୍ୟାଳୟ, ଇଂଜିନିୟରିଂ କଲେଜ, ଇଂଜିନିୟରିଂ ସ୍କୁଲ, ପଲିଟେକନିକ୍** ଏବଂ **ITI** ଗୁଡିକର **ଭିତ୍ତିଭୂମିର ବିକାଶ** ପାଇଁ **2 ଶହ 4 କୋଟି ଟଙ୍କା**

ବ୍ୟୟବରାଦର ପ୍ରସ୍ତାବ ରହିଛି । ITI ଏବଂ ପଲିଟେକନିକ୍ ମାଧ୍ୟମରେ ଯୁବଶକ୍ତିର ଦକ୍ଷତା ବିକାଶ ତଥା **ଓଡିଶା ରାଜ୍ୟ ଆତ୍ମନିଯୁକ୍ତି ମିଶନ** ପାଇଁ **21 କୋଟି ଟଙ୍କା** ପ୍ରଦାନ କରାଯିବ ।

## ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିରୁ ମହତ୍ୱପୂର୍ଣ୍ଣ ସ୍ଥାନଗୁଡିକର ସଂରକ୍ଷଣ ଓ ବିକାଶ

**28.** ଧାର୍ମିକ ଓ ସାଂସ୍କୃତିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡିକର ସଂରକ୍ଷଣ ଓ ବିକାଶ ଉଦ୍ଦେଶ୍ୟରେ ସମଗ୍ର ରାଜ୍ୟରେ ଅନେକ ମହତ୍ତ୍ୱପୂର୍ଣ୍ଣ ପ୍ରକଳ୍ପ ହାତକୁ ନିଆଯାଇଛି । ସେଥିମଧ୍ୟରୁ ପୁରୀକୁ ଏକ ବିଶ୍ୱସ୍ତରୀୟ ଐତିହ୍ୟ ସହରରେ ପରିଣତ କରିବା ପାଇଁ "**ଅବଢା**" ଏବଂ ଶୈବ ଉପାସନା ଲାଗି ଏକ ଗୁରୁତ୍ୱପୂର୍ଣ୍ଣସ୍ଥଳୀ ଭାବେ ଭୁବନେଶ୍ୱରର ଧାର୍ମିକ ବୈଶିଷ୍ଟ୍ୟକୁ ପ୍ରତିପାଦିତ କରିବା ଉଦ୍ଦେଶ୍ୟରେ "**ଏକାମ୍ର**" ପ୍ରକଳ୍ପ ଅନ୍ୟତମ । ଏତଦ୍‌ବ୍ୟତୀତ ସମ୍ବଲପୁରର ସମଲେଇ ମନ୍ଦିର, କଟକର ଚଣ୍ଡି ମନ୍ଦିର, କଣ୍ଟିଲୋର ନୀଳମାଧବ ମନ୍ଦିର, ଜଗତସିଂପୁର ଜିଲ୍ଲାର ଶାରଳା ମନ୍ଦିର, ବଲାଙ୍ଗିର ଓ ବରଗଡ ଜିଲ୍ଲାରେ ହରିଶଙ୍କର ଓ ନୃସିଂହନାଥ ମନ୍ଦିରକୁ ରୂପାନ୍ତରୀକରଣ କରିବା ନିମିତ୍ତ ପଦକ୍ଷେପ ନିଆଯାଉଛି । ଏହି ପ୍ରକଳ୍ପଗୁଡ଼ିକ ଓଡ଼ିଶାରେ ଧାର୍ମିକ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବ । 2022-23 ଆର୍ଥିକ ବର୍ଷରେ ବିଭିନ୍ନ ଯୋଜନା ଅଧୀନରେ ଆମେ **1 ହଜାର 9 ଶହ 50 କୋଟି ଟଙ୍କା** ବିନିଯୋଗ ପାଇଁ ଯୋଜନା କରିଛୁ । ଏଥିରେ 'ଅବଢା' ଅଧୀନରେ **1 ହଜାର 3 ଶହ 25 କୋଟି ଟଙ୍କା**, '**ଏକାମ୍ର**' ଏବଂ '**ସମଲେଇ**' ଯୋଜନା ଅଧୀନରେ **2 ଶହ କୋଟି ଟଙ୍କା** ଲେଖାଏଁ ଏବଂ '**ଐତିହ୍ୟ, ସ୍ମାରକୀ ଏବଂ ପର୍ଯ୍ୟଟକ ଗନ୍ତବ୍ୟ ସ୍ଥଳର ସମନ୍ୱିତ ବିକାଶ**' ପାଇଁ **1 ଶହ 50 କୋଟି ଟଙ୍କା**ର ବ୍ୟୟ ବରାଦ ଅନ୍ତର୍ଭୁକ୍ତ ।

## ସଡ଼କ, ରେଳ, ବନ୍ଦର ଓ ସଂଯୋଗୀକରଣ

**29.** ଓଡିଶା ସଡ଼କ ଭିତ୍ତିଭୂମି ପ୍ରତିଷ୍ଠାରେ ଦେଶର ଏକ ଅଗ୍ରଣୀ ରାଜ୍ୟ ଅଟେ । ଗଢିଉଠୁଥିବା ଶିଳ୍ପାଞ୍ଚଳକୁ ଖଣିଜଦ୍ରବ୍ୟପୂର୍ଣ୍ଣ ଆଭ୍ୟନ୍ତରୀଣ ଅଞ୍ଚଳ ଓ ବନ୍ଦରଗୁଡ଼ିକ ସହିତ ସଂଯୋଗ କରୁଥିବା ସଡ଼କ ଭିତ୍ତିଭୂମିର ଉନ୍ନତିକରଣ ପାଇଁ 2022-23 ଆର୍ଥିକ ବର୍ଷରେ **14 ହଜାର 4 ଶହ 54 କୋଟି ଟଙ୍କା**ର ବ୍ୟୟବରାଦ ପାଇଁ ପ୍ରସ୍ତାବ ଦିଆଯାଇଛି । ଏତଦ୍‌ବ୍ୟତୀତ **ରାସ୍ତାର ରକ୍ଷଣାବେକ୍ଷଣ** ପାଇଁ **2 ହଜାର 9 ଶହ 70 କୋଟି ଟଙ୍କା** ବିନିଯୋଗ କରାଯିବ ।

**30.** ମୁଁ ପୂର୍ତ୍ତ ବିଭାଗକୁ **8 ହଜାର 3 ଶହ 83 କୋଟି ଟଙ୍କା** ପ୍ରଦାନ କରିବାକୁ ପ୍ରସ୍ତାବ ଦେଉଛି ଯେଉଁଥିରେ **ସଡ଼କ ବିକାଶ କାର୍ଯ୍ୟକ୍ରମ** ଅଧିନରେ **2 ହଜାର 5 ଶହ 45 କୋଟି ଟଙ୍କା**, **ସଡ଼କ ଓ ସେତୁଗୁଡ଼ିକର ନିର୍ମାଣ ତଥା ଉନ୍ନତିକରଣ** ପାଇଁ **7 ଶହ କୋଟି ଟଙ୍କା** ଓ "**ରାଜ୍ୟ ରାଜପଥ ବିକାଶ ପ୍ରକଳ୍ପ**" ଅଧିନରେ **30 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ମୁଁ **Biju Expressway** ଯୋଜନା ପାଇଁ **3 ଶହ କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି, ଯାହାକି ପଶ୍ଚିମ ଓଡ଼ିଶାର ଅର୍ଥନୈତିକ କରିଡ଼ର ଭାବରେ କାର୍ଯ୍ୟକରିବ ।

**31.** **ବିଜୁ ସେତୁ ଯୋଜନା** ଅଧିନରେ ଗୁରୁତ୍ୱପୂର୍ଣ୍ଣ ଗ୍ରାମ୍ୟ ଏବଂ ପଞ୍ଚାୟତ ସଡ଼କ ଉପରେ ସେତୁ ପ୍ରକଳ୍ପ ପାଇଁ **1 ହଜାର 6 ଶହ 88 କୋଟି ଟଙ୍କା**ର ବ୍ୟୟବରାଦର କରାଯାଇଛି । 2022-23 ମସିହାରେ 2 ଶହ 81ଟି ସେତୁ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି । **ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା** ଅଧିନରେ 70ଟି ଜାରି ରହିଥିବା ସଡ଼କ ପ୍ରକଳ୍ପ, 100ଟି ଗ୍ରାମ୍ୟ ରାସ୍ତା ଏବଂ ନକ୍ସଲ ଅଧ୍ୟୁଷିତ ଜିଲ୍ଲାରେ 20ଟି ନୂତନ ସଡ଼କ ନିର୍ମାଣ ପାଇଁ **6 ଶହ 74 କୋଟି ଟଙ୍କା**ର ବ୍ୟୟବରାଦ ରହିଛି । ଏହାଫଳରେ ମୋଟ 1 ହଜାର 1 ଶହ 31 କିଲୋମିଟର ଦୈର୍ଘ୍ୟର ସଡ଼କ ନିର୍ମାଣ ସମ୍ଭବ ହେବ ।

**32.** **ଗ୍ରାମ୍ୟ ସଡ଼କ ଓ ସେତୁ ପ୍ରକଳ୍ପ** ଅଧିନରେ **2 ଶହ 20 କୋଟି ଟଙ୍କା** ଏବଂ **Transferred Road Improvement Programme (TRIP)** ଯୋଜନା ଅଧିନରେ **3 ଶହ 40 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି । 4 ହଜାର କିଲୋମିଟର ଗ୍ରାମୀଣ ରାସ୍ତା ସମ୍ପୂର୍ଣ୍ଣ କରିବା ପାଇଁ **PMGSY** ଅଧିନରେ **1 ହଜାର 5 ଶହ 50 କୋଟି ଟଙ୍କା** ପ୍ରଦାନ କରିବାକୁ ମୁଁ ପ୍ରସ୍ତାବ ଦେଉଛି । ସମ୍ପୂର୍ଣ୍ଣ ହୋଇଥିବା PMGSY **ରାସ୍ତାର ନିୟମିତ ରକ୍ଷଣାବେକ୍ଷଣ** ନିମନ୍ତେ **4 ଶହ 64 କୋଟି ଟଙ୍କା**ର ବଜେଟ ବ୍ୟବସ୍ଥା ମଧ୍ୟ କରାଯାଇଛି ।

**33.** ନକ୍ସଲ ଅଧ୍ୟୁଷିତ ଅଞ୍ଚଳ ଏବଂ KBK ଜିଲ୍ଲାରେ ଦୁର୍ଗମ ଅଞ୍ଚଳର ସୁଦୂର ଓ ବିଚ୍ଛିନ୍ନ ଗ୍ରାମଗୁଡ଼ିକୁ ରାସ୍ତା ସଂଯୋଗୀକରଣ ପାଇଁ ଆମ ସରକାର ଉଚ୍ଚ ପ୍ରାଥମିକତା ପ୍ରଦାନ କରିଛନ୍ତି । ଯେକୌଣସି ଜନସଂଖ୍ୟା ବିଶିଷ୍ଟ ବିଚ୍ଛିନ୍ନ ଜନବସତି କିମ୍ବା ଗ୍ରାମଗୁଡ଼ିକୁ

ସର୍ବଋତୁକାଳୀନ ସଂଯୋଗ ନିମନ୍ତେ ତଥା ଗ୍ରାମ ସଡ଼କଗୁଡ଼ିକର ଉନ୍ନତିକରଣ ପାଇଁ ଏକ ବିସ୍ତୃତ ଯୋଜନା- "**Connecting Unconnected Villages in Difficult Area**" ଆରମ୍ଭ କରାଯାଇଛି । ଆମେ 2022-23 ଆର୍ଥିକ ବର୍ଷରେ **1 ଶହ 50 କୋଟି ଟଙ୍କା** ବ୍ୟୟବରାଦରେ 60 କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ 20ଟି ପ୍ରକଳ୍ପ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖିଛୁ । 2022-23 ଆର୍ଥିକ ବର୍ଷରେ **1 ଶହ 50 କୋଟି ଟଙ୍କା** ବ୍ୟୟ ବରାଦରେ ବିଚ୍ଛିନ୍ନ ସଡ଼କ ଲିଙ୍କ୍‌ଗୁଡ଼ିକୁ ସଂଯୋଗ କରିବା ପାଇଁ "**Connecting Missing Road Link**" ଯୋଜନା କାର୍ଯ୍ୟକାରୀ କରିବାକୁ ପ୍ରସ୍ତାବ ରହିଛି ।

**34.** ରାଉରକେଲା, ଜୟପୁର, ଉତ୍କେଳା ଏବଂ ଝାରସୁଗୁଡ଼ା **ଏୟାରପୋର୍ଟ**ରେ ଜମି ଅଧିଗ୍ରହଣ, ନିର୍ମାଣ, ନବୀକରଣ, ସଂପ୍ରସାରଣ କାର୍ଯ୍ୟ ଏବଂ ବିରାଶାଳ Airstripର ନବୀକରଣ ପାଇଁ **3 ଶହ 25 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**35.** ରାଜ୍ୟ ସରକାର ରେଳ ଭିତ୍ତିଭୂମିର ଦ୍ରୁତ ବିକାଶ ଉପରେ ଗୁରୁତ୍ୱାରୋପ କରୁଛନ୍ତି । ରାଜ୍ୟରେ **ରେଳ ପ୍ରକଳ୍ପ**ର ବିକାଶ ନିମନ୍ତେ **5 ଶହ 47 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ରହିଛି । ଏହା ବ୍ୟତୀତ ଚଳିତ ବର୍ଷ Joint-Venture Company ଯଥା **Odisha Rail-Infrastructure Development Limited**, **Haridashpur-Paradeep Railway Company Ltd** ଏବଂ **Anugul-Sukinda Railway Ltd**ରେ ଅତିରିକ୍ତ ଅଂଶଧନ ନିବେଶ ବାବଦକୁ **40 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

**36. ବ୍ଲକ୍-ସ୍ତରୀୟ ବସ୍‌ଷ୍ଟାଣ୍ଡ** ନିର୍ମାଣ ପାଇଁ **25 କୋଟି ଟଙ୍କା** ଏବଂ **Electric Vehicle (EV)** ଗୁଡ଼ିକର ପ୍ରୋତ୍ସାହନ ପାଇଁ **50 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ବସ୍ କ୍ରୟ କରିବା ନିମନ୍ତେ **ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ**ରେ **ଅଂଶଧନ ନିବେଶ** ଲାଗି **20 କୋଟି ଟଙ୍କା** ଏବଂ ସମଗ୍ର ରାଜ୍ୟର **ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ**ର ଆଧୁନିକୀକରଣ ପାଇଁ **30 କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ରହିଛି ।

## ପର୍ଯ୍ୟଟନ ଉନ୍ନୟନ

**37.** ଆମ ସରକାର ପର୍ଯ୍ୟଟନକୁ ନିଯୁକ୍ତି ଓ ଜୀବିକାର୍ଜନର ସୁଯୋଗ ସୃଷ୍ଟି ତଥା ଅର୍ଥନୈତିକ ଅଭିବୃଦ୍ଧି ଲାଗି ଏକ ସମ୍ଭାବ୍ୟ କ୍ଷେତ୍ର ଭାବରେ ଚିହ୍ନଟ କରିଛନ୍ତି । ପର୍ଯ୍ୟଟନ ସମ୍ଭାବନାର ଅଭିବୃଦ୍ଧି, ଘରୋଇ କ୍ଷେତ୍ରର ନିବେଶକୁ ସୁଗମ କରିବା, ସ୍ଥାନୀୟ ଅଧିବାସୀଙ୍କ ପାଇଁ ଜୀବିକା ଅର୍ଜନ ସୁଯୋଗରେ ଉନ୍ନତି ଆଣିବା ଓ ସ୍ଥାନୀୟ ଉଦ୍ୟୋଗୀକରଣକୁ ପ୍ରୋତ୍ସାହିତ କରିବା ଲାଗି **8 ଶହ 30 କୋଟି ଟଙ୍କା**ର ସାମଗ୍ରିକ ପ୍ରକଳ୍ପ ମୂଲ୍ୟରେ, ବିଭିନ୍ନ ସ୍ଥାନରେ ସମନ୍ୱିତ ମାଷ୍ଟର ପ୍ଲାନିଂ ଏବଂ ପର୍ଯ୍ୟଟନସ୍ଥଳୀର ବିକାଶ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । 49ଟି ପର୍ଯ୍ୟଟନସ୍ଥଳୀର ଭିତ୍ତିଭୂମି ଅଭାବର ଆକଳନ କରି ଏହାର ବିକାଶଲାଗି **1 ଶହ 20 କୋଟି ଟଙ୍କା** ବ୍ୟୟବରାଦରେ ଏକ ପ୍ରକଳ୍ପ ଆରମ୍ଭ କରାଯାଇଛି ।

**38.** ଓଡ଼ିଶା ପର୍ଯ୍ୟଟନ ଅଭିଯାନ- '**India's Best Kept Secret**' ମାଧ୍ୟମରେ ରାଜ୍ୟର ପର୍ଯ୍ୟଟନସ୍ଥଳୀ ଗୁଡ଼ିକର ବ୍ୟାପକ ପ୍ରଚାର ଓ ପ୍ରସାର କାର୍ଯ୍ୟ ହାତକୁ ନିଆଯାଇଛି । **ଓଡ଼ିଶା ପର୍ଯ୍ୟଟନ** କ୍ଷେତ୍ର ପାଇଁ 2021-22 ଆର୍ଥିକ ବର୍ଷରେ ଥିବା 5 ଶହ କୋଟି ଟଙ୍କାର ବ୍ୟୟ ବରାଦକୁ **18 ପ୍ରତିଶତ** ବୃଦ୍ଧି କରି, 2022-23 ବର୍ଷ ପାଇଁ **5 ଶହ 90 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ଏହା 2019-20 ଆର୍ଥିକ ବର୍ଷରେ ମୋଟ ପର୍ଯ୍ୟଟନ କ୍ଷେତ୍ର ଲାଗି ଉଦ୍ଦିଷ୍ଟ ବ୍ୟୟ ବରାଦର 3 ଗୁଣ । ଏଥି ମଧ୍ୟରୁ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଓ ପରିଚାଳନା ନିମନ୍ତେ **3 ଶହ 75 କୋଟି ଟଙ୍କା** ଓ **ପର୍ଯ୍ୟଟନର ପ୍ରସାର** ପାଇଁ **1 ଶହ 50 କୋଟି ଟଙ୍କା** ଉପଯୋଗ କରାଯିବ ।

## କ୍ରୀଡ଼ା ଓ ଯୁବ ସେବା

**39.** ଓଡ଼ିଶାକୁ ଏକ Sporting Hub ଭାବେ ବିକଶିତ କରିବା ପାଇଁ ଆମର ପ୍ରିୟ ମୁଖ୍ୟମନ୍ତ୍ରୀଙ୍କର ଦୂରଦୃଷ୍ଟି ମୁଖ୍ୟତଃ ସହାୟକ ହୋଇଛି । ଆମ ସରକାର କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ରାଜ୍ୟର ଯୁବବର୍ଗ ମଧ୍ୟରେ କ୍ରୀଡ଼ା ସଂସ୍କୃତିକୁ ପ୍ରୋତ୍ସାହିତ କରିବା ପାଇଁ ସକ୍ରିୟ ପଦକ୍ଷେପ ନେଇଛନ୍ତି । **2023 ମସିହାରେ ଓଡ଼ିଶା ପୁନର୍ବାର ପୁରୁଷ ହକି ବିଶ୍ୱକପ ଆୟୋଜନ କରିବାକୁ ଯାଉଛି ।**

**40.** ବ୍ଲକ୍ ସ୍ତରରୁ ରାଜ୍ୟ ସ୍ତର ପର୍ଯ୍ୟନ୍ତ ଅନେକ ଗୁଡ଼ିଏ ନିର୍ମାଣଧୀନ କ୍ରୀଡ଼ା ପ୍ରକଳ୍ପକୁ ସମ୍ପୂର୍ଣ କରିବା ପାଇଁ 1 ହଜାର 5 ଶହ କୋଟି ଟଙ୍କାର ନିବେଶ ଯୋଜନା ରହିଛି । ରାଉରକେଲାଠାରେ ନୂତନ ବିଶ୍ୱସ୍ତରୀୟ "**ବିର୍ସାମୁଣ୍ଡା ଆନ୍ତର୍ଜାତୀୟ ହକି ଷ୍ଟାଡ଼ିୟମ୍**", କଳିଙ୍ଗ ଷ୍ଟାଡ଼ିୟମ ସହିତ ମିଳିତ ଭାବେ ପୁରୁଷ ବିଶ୍ୱ କପ୍ ହକି ପ୍ରତିଯୋଗିତା, 2023 ଆୟୋଜନ କରିବ । **3 ଶହ କୋଟି ଟଙ୍କାର** ଏହି **iconic ପ୍ରକଳ୍ପ**, ସମାପ୍ତ ହେବା ମାତ୍ରେ, 20 ହଜାର ଦର୍ଶକ ଧାରଣ କ୍ଷମତା ସମ୍ପନ୍ନ ଭାରତର ସର୍ବବୃହତ ହକି ଷ୍ଟାଡ଼ିୟମରେ ପରିଣତ ହେବ ।

**41.** କ୍ରୀଡା ଓ ଯୁବସେବା ବିଭାଗ ପାଇଁ ବିଗତ ପାଞ୍ଚ ବର୍ଷ ମଧ୍ୟରେ ବ୍ୟୟବରାଦକୁ ଛଅ ଗୁଣ ବୃଦ୍ଧି କରାଯାଇଛି । 2017-18 ଆର୍ଥିକ ବର୍ଷରେ ଉଦ୍ଦିଷ୍ଟ ଥିବା 1 ଶହ 49 କୋଟି ଟଙ୍କାରୁ ବ୍ୟୟବରାଦକୁ ବୃଦ୍ଧିକରି **2022-23** ଆର୍ଥିକ ବର୍ଷ ନିମନ୍ତେ **9 ଶହ 11 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ଏଥିମଧ୍ୟରେ କ୍ରୀଡାର ବିକାଶ ଓ ପରିଚାଳନା ତଥା ଅନ୍ୟାନ୍ୟ କ୍ରୀଡା ଭିତ୍ତିଭୂମି ପାଇଁ **7 ଶହ 19 କୋଟି ଟଙ୍କା** ଏବଂ **କ୍ରୀଡା ଶିକ୍ଷାର ପ୍ରୋତ୍ସାହନ** ପାଇଁ **1 ଶହ 15 କୋଟି ଟଙ୍କା** ଏବଂ **Khelo India** କୁ ରାଜ୍ୟ ସହାୟତା ଭାବେ **11 କୋଟି ଟଙ୍କାର** ବ୍ୟୟବରାଦ ଅନ୍ତର୍ଭୁକ୍ତ ।

## ପାନୀୟ ଜଳ ଓ ପରିମଳ

**ମାନ୍ୟବର ବାଚସ୍ପତି ମହୋଦୟ !**

**42.** ସାର୍ବଜନୀନ ସ୍ତରରେ ସୁଲଭ ଓ ନିରନ୍ତର **ଜଳ, ପରିମଳ ଓ ସ୍ୱଚ୍ଛତା** ଉପଲବ୍ଧ କରାଇବା ଏକ ମୁଖ୍ୟ ଜନସ୍ୱାସ୍ଥ୍ୟ ସମସ୍ୟା । **ବସୁଧା** ଓ **ଜଳଜୀବନ ମିଶନ** ପରି ପାନୀୟ ଜଳ ଯୋଗାଣ କାର୍ଯ୍ୟକ୍ରମ ଅଧିନରେ 24 ହଜାର କୋଟି ଟଙ୍କାର ପ୍ରକଳ୍ପ ବର୍ତ୍ତମାନ କାର୍ଯ୍ୟକାରୀ ହେଉଛି । ଏଥିସହିତ 5 ହଜାର 6 ଶହ 55ଟି ଏକକ ଗ୍ରାମ ପ୍ରକଳ୍ପକୁ ମଧ୍ୟ ମଞ୍ଜୁର କରାଯାଇଛି । 19 ହଜାର 7 ଶହ 14 କୋଟି ଟଙ୍କାର ପୁଞ୍ଜି ବ୍ୟୟରେ 1 ଶହ 8ଟି ଭୂପୃଷ୍ଠ ଆଧାରିତ ବୃହତ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ଆଦିବାସୀବହୁଳ ଓ ଅପହଞ୍ଚ ଗ୍ରାମ ଗୁଡିକ ପାଇଁ 4 ଶହ କୋଟି ଟଙ୍କାର 7 ହଜାର 91ଟି ସୌର ୟୁନିଟ୍ ମଞ୍ଜୁର କରାଯାଇଛି । ଏତଦ୍‌ବ୍ୟତୀତ, ସମସ୍ତ

ଗ୍ରାମରେ ଶତପ୍ରତିଶତ ଜଳ ଯୋଗାଣକୁ ସୁନିଶ୍ଚିତ କରାଇବା ପାଇଁ ନଳକୂପ ସ୍ଥାପନ କରାଯାଇଛି । 1 ଶହ 40ଟି ଗ୍ରାମ ପଞ୍ଚାୟତ ଓ 6 ହଜାର 31ଟି ଗ୍ରାମକୁ ଶତପ୍ରତିଶତ ଟ୍ୟାପ ପାଣି ଯୋଗାଇ ଦିଆଯାଇସାରିଛି । ଆହୁରିମଧ୍ୟ, 60 ପ୍ରତିଶତ ବିଦ୍ୟାଳୟ ଓ 52 ପ୍ରତିଶତ ଅଂଗନୱାଡି କେନ୍ଦ୍ରକୁ ଟ୍ୟାପ୍ ସଂଯୋଗ କରାଯାଇଛି । 2022-23 ବଜେଟ୍ ଆକଳନରେ **ଜଳଜୀବନ ମିଶନ**ରେ **6 ହଜାର କୋଟି ଟଙ୍କା** ଏବଂ RIDF ଅଂଶଧନ ସମେତ "**ବସୁଧା**" ଅଧିନରେ **1 ହଜାର 8 ଶହ 50 କୋଟି ଟଙ୍କା**ର ବ୍ୟୟବରାଦ ରହିଛି ।

**43.** ପଞ୍ଚଦଶ ଅର୍ଥ କମିଶନ ଏବଂ ପଞ୍ଚମ ରାଜ୍ୟ ଅର୍ଥ କମିଶନଙ୍କ ସୁପାରିଶ ଆନୁଯାୟୀ ପ୍ରାପ୍ତ ଅନୁଦାନ ବିନିଯୋଗରେ ଗ୍ରାମ୍ୟ ଓ ସହରାଞ୍ଚଳ ନିକାୟ ସଂସ୍ଥାମାନେ ପାନୀୟ ଜଳଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣାବେକ୍ଷଣ କାର୍ଯ୍ୟ କରୁଛନ୍ତି । ଅଧିକନ୍ତୁ, ମୁଁ ଜଳଯୋଗାଣ ବ୍ୟବସ୍ଥାର ପରିଚାଳନା ଓ ରକ୍ଷଣା ବେକ୍ଷଣ ପାଇଁ ପ୍ରାୟ **5 ଶହ 9 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

## ସହରାଞ୍ଚଳ ବିକାଶ ଓ ପରିମଳ

**44.** ଉନ୍ନତ ନାଗରିକ ସୁବିଧା ଓ ସେବା ମାଧ୍ୟମରେ ଓଡିଶାର ସହରାଞ୍ଚଳର ରୂପାନ୍ତରୀକରଣ ଆମର ସର୍ବୋଚ୍ଚ ପ୍ରାଥମିକତାଗୁଡ଼ିକ ମଧ୍ୟରୁ ଅନ୍ୟତମ । MUKTA, JAGA Mission, SUJALA ଏବଂ UNNATI ଉତ୍ୟାଦି ଯୋଜନାଗୁଡିକ ଅଭିନବ ଏବଂ ବୈପ୍ଳବିକ ପଦକ୍ଷେପ । ମୁଁ ଏହା ଘୋଷଣା କରି ଆନନ୍ଦିତ ଯେ, JAGA Mission ବସ୍ତି ଉନ୍ନୟନ କ୍ଷେତ୍ରରେ କାର୍ଯ୍ୟକରି ନିକଟ ଅତୀତରେ **Asia Pacific Housing Forum for Innovation Awards -2021** ହାସଲ କରି ବିଶ୍ୱସ୍ତରୀୟ ସ୍ୱୀକୃତି ଲାଭ କରିଛି । ଆମ ସରକାରଙ୍କ ପଦକ୍ଷେପକୁ ଆଗକୁ ବଢାଇବା ପାଇଁ ମୁଁ, 2022-23 ବର୍ଷ ପାଇଁ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପାଇଁ **7 ହଜାର 2 ଶହ 58 କୋଟି ଟଙ୍କା** ବ୍ୟୟ ବରାଦ କରିବାକୁ ପ୍ରସ୍ତାବ ଦେଉଛି ଯାହା 2000-2001 ବର୍ଷ ପାଇଁ ଉଦ୍ଦିଷ୍ଟ ବଜେଟ ଆକଳନର **26 ଗୁଣ** ଅଟେ ।

**45.** ମୁଁ ସହରାଞ୍ଚଳରେ ସୁବିଧା ସୁଯୋଗର ଉନ୍ନତି ତଥା ପରିଚାଳନା ପାଇଁ **Scheme Improvement of Urban Governance** ଅଧିନରେ **5 ଶହ 85 କୋଟି ଟଙ୍କା**, **ସହାରାଞ୍ଚଳ ପରିବହନ** ଓ **OUIDF** ଯୋଜନା ଅଧିନରେ **1 ଶହ କୋଟି ଟଙ୍କା** ଲେଖାଏଁ, **JAGA Mission** ଅଧିନରେ **Revolving Fund** ପାଇଁ **1 ଶହ କୋଟି ଟଙ୍କା**, **New City Development Scheme** ଅଧିନରେ **3 ଶହ 34 କୋଟି ଟଙ୍କା** ଏବଂ **ବସୁଧା** ଅଧିନରେ **5 ଶହ 39 କୋଟି ଟଙ୍କା**ର ବ୍ୟୟ ଅଟକଳର ପ୍ରସ୍ତାବ ଦେଉଛି । କେନ୍ଦ୍ରୀୟ ପ୍ରବର୍ତିତ ଯୋଜନା ଅନ୍ତର୍ଭୁକ୍ତ **AMRUT** ଓ **Smart City** ପାଇଁ ମୁଁ ଯଥାକ୍ରମେ **6 ଶହ 1 କୋଟି ଟଙ୍କା** ଏବଂ **2 ଶହ କୋଟି ଟଙ୍କା** ବ୍ୟୟ ବରାଦର ପ୍ରସ୍ତାବ ଦେଉଛି ।

**46.** ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ, ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାର ମାନବୃଦ୍ଧି ସମେତ ନିର୍ମଳ ପାନୀୟଜଳ ଯୋଗାଣ ଉପରେ ସର୍ବଦା ପ୍ରାଥମିକତା ଦେଇ ଆସିଛନ୍ତି । ଗୋଷ୍ଠୀ ସହଭାଗିତାରେ ଏକ ବିକେନ୍ଦ୍ରୀକୃତ ଆଭିମୁଖ୍ୟ ଗ୍ରହଣ କରି, କଠିନ ବର୍ଜ୍ୟବସ୍ତୁ  ପରିଚାଳନା କ୍ଷେତ୍ରରେ ଆମେ ଏକ ରୁପାନ୍ତରଣକାରୀ ପରିବର୍ତ୍ତନ ଆଣିଛୁ । ମୁଁ ଆମ ସହରାଞ୍ଚଳକୁ ସ୍ୱଚ୍ଛ ରଖିବା ପାଇଁ, "**ଓଡ଼ିଶା ସମନ୍ୱିତ ପରିମଳ ଉନ୍ନୟନ ପ୍ରକଳ୍ପ**" (OISIP) ପାଇଁ **3 ଶହ 34 କୋଟି ଟଙ୍କା**, **Urban Sewerage** ନିମନ୍ତେ **1 ଶହ 38 କୋଟି ଟଙ୍କା** ଏବଂ **Urban Sanitation** ଅଧିନରେ **2 ଶହ 51 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ରଖୁଛି ।  ମୁଁ **ସ୍ୱଚ୍ଛ ଭାରତ ମିଶନ - ସହରାଞ୍ଚଳ** ପାଇଁ 2022-23 ଆର୍ଥିକ ବର୍ଷ ଲାଗି **2 ଶହ 50 କୋଟି ଟଙ୍କା**ର ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

## ଗୃହ ନିର୍ମାଣ

**47. PMAY-ଗ୍ରାମୀଣ** ଏବଂ **ବିଜୁ ପକ୍କାଘର ଯୋଜନା**ର ସଂଯୋଜନରେ ଗ୍ରାମାଞ୍ଚଳରେ ବାସଗୃହ ନିର୍ମାଣ ଜରିଆରେ ଜନସାଧାରଣଙ୍କର ଆଶ୍ରୟ-ନିରାପତ୍ତା ସୁନିଶ୍ଚିତ କରିବାରେ ଓଡ଼ିଶା ଏକ ଅଗ୍ରଣୀ ରାଜ୍ୟ ପାଲଟିଛି । 2022-23 ଆର୍ଥିକ ବର୍ଷରେ ମୁଁ **5 ହଜାର 9 ଶହ 6 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । **PMAY- ସହରାଞ୍ଚଳ** ସହିତ ସଂଯୋଜନରେ

ଆମେ 2015 ମସିହାରେ, "**ଓଡ଼ିଶା ସହରାଞ୍ଚଳ ବାସଗୃହ ମିଶନ**" (AWAS) ଯୋଜନାର ଶୁଭାରମ୍ଭ କରିଛୁ । ହିତାଧିକାରୀମାନଙ୍କ ସହଭାଗିତାରେ ବାସଗୃହ ନିର୍ମାଣ ପାଇଁ, 2022-23 ଆର୍ଥିକ ବର୍ଷରେ **5 ଶହ କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି ।

## ମିଶନ ଶକ୍ତି, ମହିଳା ଓ ଶିଶୁ ବିକାଶ

**ମାନ୍ୟବର ବାଚସ୍ପତି ମହୋଦୟ !**

**48.** ମାନ୍ୟବର ମୁଖ୍ୟମନ୍ତ୍ରୀ ମହିଳା ଓ ଶିଶୁଙ୍କ ବିକାଶ ଓ ସଶକ୍ତିକରଣ ଉପରେ ସର୍ବାଧିକ ଗୁରୁତ୍ୱାରୋପ କରିଛନ୍ତି । "ମିଶନ ଶକ୍ତି" ଅଭିଯାନ ମାଧ୍ୟମରେ ଆମ ସରକାର ମହିଳା ସଶକ୍ତିକରଣ ଉପରେ ଧ୍ୟାନ କେନ୍ଦ୍ରିତ କରିଛନ୍ତି । ଏହି ଅଭିଯାନର ଗତି ବଜାୟ ରଖିବା ପାଇଁ ମୁଁ ମିଶନ ଶକ୍ତି ବିଭାଗ ପାଇଁ **2 ହଜାର କୋଟି ଟଙ୍କା**ର ବ୍ୟୟବରାଦ ପ୍ରସ୍ତାବ ଦେଉଛି; ଯେଉଁଥିରେ **ଜାତୀୟ ଗ୍ରାମୀଣ ଜୀବିକା ମିଶନ** (NRLM) ଅଧିନରେ **1 ହଜାର 39 କୋଟି ଟଙ୍କା**, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସେମାନଙ୍କର ସଂଘକୁ ମିଶନ ଶକ୍ତି ଯୋଜନା ମାଧ୍ୟମରେ ଆର୍ଥିକ ସହାୟତା ପାଇଁ **7 ଶହ 73 କୋଟି ଟଙ୍କା** ଏବଂ **ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କ ପାଇଁ ଗୃହ ନିର୍ମାଣ** ଲାଗି **1 ଶହ 76 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

**49.** ମୁଁ **MAMATA** ଯୋଜନା ଅଧିନରେ **2 ଶହ 47 କୋଟି ଟଙ୍କା** ଏବଂ "**ବିଜୁ ଶିଶୁ ସୁରକ୍ଷା ଯୋଜନା - ଆଶୀର୍ବାଦ**" ଅଧିନରେ **43 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ଆମେ "**ମାଳତୀ ଦେବୀ ପ୍ରାକ୍- ବିଦ୍ୟାଳୟ ପରିଧାନ ଯୋଜନା**" ଅଧିନରେ ପ୍ରାକ୍-ବିଦ୍ୟାଳୟରେ ଶିକ୍ଷାରତ ପିଲା ମାନଙ୍କୁ ୟୁନିଫର୍ମ ଆବଣ୍ଟନ ପାଇଁ **78 କୋଟି ଟଙ୍କା** ବ୍ୟୟବରାଦ କରିଛୁ ।

**50.** 6 ବର୍ଷରୁ କମ୍ ବୟସର ଶିଶୁ ଓ ଗର୍ଭବତୀ ତଥା ସ୍ତନ୍ୟପାନ କରାଉଥିବା ମହିଳାମାନଙ୍କ ସ୍ୱାସ୍ଥ୍ୟ ଓ ପୁଷ୍ଟି ସାଧନର ମାନବୃଦ୍ଧି କରିବା ପାଇଁ "**ସକ୍ଷମ ଅଙ୍ଗନବାଡ଼ି ଓ ପୋଷଣ-2.0**" ଯୋଜନା କାର୍ଯ୍ୟକାରୀ ହେଉଛି । ଆମେ ଏହି ଯୋଜନା ପାଇଁ **2 ହଜାର 3 ଶହ 97 କୋଟି**

**ଟଙ୍କା** ଯୋଗାଇ ଦେବାର ପ୍ରସ୍ତାବ ରଖିଛୁ । ଆମେ **ICDS** କାର୍ଯ୍ୟକ୍ରମର ପ୍ରଚଳନ ପାଇଁ ଅତିରିକ୍ତ ରାଜ୍ୟ ସହାୟତା ବାବଦରେ **4 ଶହ 16 କୋଟି ଟଙ୍କା** ପ୍ରଦାନ କରୁଛୁ ।

## ଗ୍ରାମୀଣ ନିଯୁକ୍ତି, ଜୀବିକା ଓ ମୌଳିକ ସେବା

**51.** ମହାମାରୀ ଏବଂ ଗ୍ରାମାଞ୍ଚଳର ଦୂରାବସ୍ଥା ସମୟରେ, ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ ଗ୍ରାମୀଣ କର୍ମନିଯୁକ୍ତି ଅଧିନିୟମ (MGNREGA), ଗ୍ରାମୀଣ ପରିବାରକୁ ଅତିକମ୍‌ରେ 100 ଦିନର ନିଶ୍ଚିତ କର୍ମନିଯୁକ୍ତି ଜରିଆରେ ଆବଶ୍ୟକୀୟ ଜୀବିକାର୍ଜନରେ ସହାୟତା କରିଥିଲା । ଏହି ଯୋଜନାର Labour Component ବର୍ତ୍ତମାନ DBT ଜରିଆରେ ଶ୍ରମଜୀବୀମାନଙ୍କୁ ସିଧାସଳଖ ପ୍ରଦାନ କରାଯାଉଛି । ଏହାର Material Componentକୁ କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମଧ୍ୟରେ 75:25 ଅନୁପାତରେ ବଣ୍ଟନ କରାଯାଏ ଏବଂ ଏଥିପାଇଁ ଆମେ ବଜେଟ୍‌ରେ **2 ହଜାର 1 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖିଛୁ । କେନ୍ଦ୍ରୀୟ ସହାୟତା ପ୍ରାପ୍ତି ବିଳମ୍ବ କ୍ଷେତ୍ରରେ ସଠିକ ସମୟରେ ମଜୁରୀ ପୈଠ ସୁନିଶ୍ଚିତ କରିବା ପାଇଁ **1 ହଜାର କୋଟି ଟଙ୍କାର କର୍ପସ ପାଣ୍ଠିର** ପ୍ରସ୍ତାବ ରଖୁଛି ।

**52.** ପ୍ରଭାବିତ ବ୍ଲକଗୁଡ଼ିକରୁ distress migration କୁ ରୋକିବା ପାଇଁ, ଆମେ MGNREGA ଅଧିନରେ ଅତିରିକ୍ତ 100 ଶ୍ରମଦିବସ ଯୋଗାଇ ଦେଇଛୁ । ଏହି ବ୍ଲକ୍‌ଗୁଡ଼ିକରେ MGNREGA ମଜୁରୀକୁ ସର୍ବନିମ୍ନ ମଜୁରୀ ସହିତ ସମାନ କରିବା ପାଇଁ ରାଜ୍ୟ ସମ୍ବଳରୁ ଦିନକୁ ପ୍ରାୟ 1 ଶହ ଟଙ୍କା Top-up ଆକାରରେ ପ୍ରଦାନ କରାଯାଉଛି । ଏଥିପାଇଁ ଏକ ନୂତନ ଯୋଜନା "**State Support to MGNREGS**" ପ୍ରଣୟନ କରି **500 କୋଟି ଟଙ୍କା** ବ୍ୟୟବରାଦ କରିଛୁ । ଆମେ **"ଦୀନ ଦୟାଲ ଅନ୍ତ୍ୟୋଦୟ ଯୋଜନା – ଜାତୀୟ ଗ୍ରାମୀଣ ଜୀବିକା ମିଶନ"**ରେ **91 କୋଟି ଟଙ୍କା** ଓ **ଶ୍ୟାମାପ୍ରସାଦ ମୁଖାର୍ଜୀ RURBAN ମିଶନ** ନିମନ୍ତେ **80 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି ।

**53.** ସହାରାଞ୍ଚଳରେ ନିଯୁକ୍ତି ସୁଯୋଗ ପ୍ରଦାନ କରିବା ପାଇଁ ଆମେ **"ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ: ମୁକ୍ତା"** (MUKTA) ଯୋଜନା ପ୍ରଣୟନ କରିଛୁ । MUKTA ନିକଟ ଅତୀତରେ **"Guangzhou Award for Urban Innovations-2021"** ପୁରସ୍କାର ହାସଲ ସହ ବିଶ୍ୱସ୍ତରୀୟ ସ୍ୱୀକୃତି ପାଇଛି । ଆମେ 2022-23 ବର୍ଷରେ **7 ଶହ କୋଟି ଟଙ୍କା** ବିନିଯୋଗ କରି MUKTA ଅଧିନରେ 6 ହଜାର 3 ଶହ 20ଟି ସହାରାଞ୍ଚଳ ଭିତ୍ତିଭୂମି ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା କରୁଛୁ ।

## ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗ ଏବଂ ସଂଖ୍ୟାଲଘୁଙ୍କ ବିକାଶ

**54.** ମୁଁ ଏହି ବର୍ଗର ଛାତ୍ରଛାତ୍ରୀମାନଙ୍କର ଶିକ୍ଷା ତଥା ଦକ୍ଷତା ବିକାଶ ପାଇଁ ନିଆଯାଉଥିବା ଅନେକ ପଦକ୍ଷେପ ଉପରେ ଆଲୋକପାତ କରିସାରିଛି । ମୁଁ ବର୍ତ୍ତମାନ ଗୁରୁତ୍ୱ ପ୍ରଦାନ କରିବାକୁ ଚାହୁଁଛି ଯେ ଅନୁସୂଚିତ ଜାତି ଏବଂ ଜନଜାତିଙ୍କର ବିକାଶ, ରାଜ୍ୟ ସରକାରଙ୍କର ପ୍ରାୟ ସମସ୍ତ ଯୋଜନାର ଅବିଚ୍ଛେଦ୍ୟଅଙ୍ଗ । ମୋଟାମୋଟି ଭାବେ 2022-23 ଆର୍ଥିକ ବର୍ଷରେ କାର୍ଯ୍ୟକ୍ରମ ବଜେଟରେ ଚିହ୍ନଟ ହୋଇଥିବା ଯୋଜନାଗୁଡ଼ିକର **Tribal Sub-Component** ଏବଂ **SC Sub-Component** ଅଧିନରେ **32 ହଜାର 5 ଶହ 96 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖାଯାଇଛି ।

**55.** ଅନ୍ୟାନ୍ୟ ପଛୁଆବର୍ଗ ତଥା ସଂଖ୍ୟାଲଘୁଙ୍କର ବିକାଶର ଏକ ଅଂଶଭାବେ, **ସଂଖ୍ୟାଲଘୁ ସ୍ୱୟଂସହାୟକ ଗୋଷ୍ଠୀ**ମାନଙ୍କୁ ଆୟ ସୃଷ୍ଟିକାରୀ ଯୋଜନାଗୁଡ଼ିକ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯିବ । ଏଥି ନିମିତ୍ତ ମୁଁ **43 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଦେଉଛି ।

**56.** ରାଜ୍ୟର ଅନୁସୂଚିତ ଜାନଜାତିର କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ ଯୋଜନାର ଖର୍ଚ୍ଚକୁ ବହନ କରିବା ପାଇଁ ଭାରତ ସରକାର, **ସମ୍ବିଧାନର ଧାରା 275(1)** ଅନୁସାରେ ଅନୁଦାନ ପ୍ରଦାନ କରିଥାନ୍ତି । ଏହି ଉଦ୍ଦେଶ୍ୟରେ **1 ଶହ 37 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି । ସରକାର **OTELP Plus** ପ୍ରକଳ୍ପ ଲାଗି **20 କୋଟି ଟଙ୍କା** ଓ ବାହ୍ୟ ସହାୟତା ପ୍ରାପ୍ତ ପ୍ରକଳ୍ପ – "Odisha PVTGs Empowerment and Livelihood

**Improvement Programme” (OPELIP)** ଅଧିନରେ ଆଦିବାସୀମାନଙ୍କର ନିରନ୍ତର ଉପାର୍ଜନ ସୃଷ୍ଟିକାରୀ କାର୍ଯ୍ୟକଳାପ ଓ ନିୟୋଜନ ନିମନ୍ତେ **86 କୋଟି ଟଙ୍କା** ବ୍ୟୟବରାଦ କରିଛନ୍ତି ।

## ଦିବ୍ୟାଙ୍ଗମାନଙ୍କର ସାମାଜିକ ନିରାପତ୍ତା, ବିକାଶ ଏବଂ ସଶକ୍ତିକରଣ

**57.** ସାମାଜର ଦୁର୍ବଳ ତଥା ଅବହେଳିତ ବର୍ଗଙ୍କୁ ସାମାଜିକ ସୁରକ୍ଷା ଯୋଗାଇଦେବା ନିମନ୍ତେ ଆମେ ପ୍ରତିଶୃତିବଦ୍ଧ । ସମ୍ପ୍ରତି ଆମେ ବିଭିନ୍ନ ଯୋଜନା ଅଧିନରେ ବୃଦ୍ଧ, ବିଧବା, ଭିନ୍ନକ୍ଷମ ଏବଂ AIDS ପୀଡ଼ିତ ବ୍ୟକ୍ତି ସମେତ **49 ଲକ୍ଷ ହିତାଧିକାରୀ**ଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ କରୁଛୁ । ମୁଁ ଜାତୀୟ **ସାମାଜିକ ସହାୟତା ଯୋଜନା (NSAP)** ଅଧିନରେ **1 ହଜାର 3 ଶହ 30 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ଆମେ **ମଧୁବାବୁ ପେନସନ ଯୋଜନା** ଅଧିନରେ ନିଜସ୍ୱ ସମ୍ବଳରୁ ଅତିରିକ୍ତ ହିତାଧିକାରୀମାନଙ୍କୁ ପେନସନ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ପ୍ରଦାନ ନିମନ୍ତେ 2022-23 ଆର୍ଥିକ ବର୍ଷରେ **2 ହଜାର 17 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖିଛୁ ।

**58.** ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ଏବଂ ନିରାଶ୍ରୟ ବ୍ୟକ୍ତିମାନଙ୍କ ପରି ସାମାଜିକ ସ୍ତରରେ ଅବହେଳିତ ଗୋଷ୍ଠୀମାନଙ୍କ ପାଇଁ ଗୁଣାତ୍ମକ ଆବାସିକ ସହାୟତା ସୁନିଶ୍ଚିତ କରିବା ପାଇଁ ଆମେ **ସମନ୍ୱିତ ଭିତ୍ତିଭୂମି କମ୍ପ୍ଲେକ୍ସ** (IIC) ପ୍ରତିଷ୍ଠା କରିବା ନିମନ୍ତେ **1 ଶହ 14 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖିଛୁ । ମୁଁ **ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର କଲ୍ୟାଣ** ପାଇଁ **1 ଶହ 4 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

## ଖାଦ୍ୟ ନିରାପତ୍ତା

**59.** ଜାତୀୟ ଖାଦ୍ୟ ସୁରକ୍ଷା ଆଇନ (NFSA) ଦ୍ୱାରା ଖାଦ୍ୟ ସୁରକ୍ଷା, ଗରିବ ଏବଂ ଅସୁରକ୍ଷିତ ବ୍ୟକ୍ତିମାନଙ୍କର ଆଇନଗତ ଅଧିକାରରେ ପରିଣତ ହୋଇଛି । ଆଇନଗତ ଅଧିକାର ବ୍ୟତୀତ, ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ ଅନୁଯାୟୀ ଆମେ ପ୍ରତ୍ୟେକ Priority Household ହିତାଧିକାରୀ ଏବଂ ସରକାରୀ

SC/ST ଛାତ୍ରାବାସର ଅନ୍ତେବାସୀମାନଙ୍କ ପରି ଅନ୍ୟ ହିତାଧିକାରୀମାନଙ୍କୁ କିଲୋଗ୍ରାମ୍ ପିଛା 1 ଟଙ୍କା ହିସାବରେ ଚାଉଳ ଯୋଗାଇବା ଜାରି ରଖିବୁ । ନିକଟ ଅତୀତରେ World Food Programme (WFP), ଓଡ଼ିଶାର ଖାଦ୍ୟ ନିରାପତ୍ତା ଏବଂ ବିଶେଷତଃ ସମାଜର ଦୁର୍ବଳବର୍ଗ ତଥା ମହିଳାମାନଙ୍କ ପାଇଁ ପୋଷଣୀୟ ଜୀବିକାର୍ଜନର ସୁଯୋଗ ସୃଷ୍ଟି କରିବା କ୍ଷେତ୍ରରେ ରୁପାନ୍ତରୀକରଣ ପ୍ରଗତିକୁ ପ୍ରଶଂସା କରିଛନ୍ତି । ଓଡ଼ିଶାର ଖାଦ୍ୟ ନିରାପତ୍ତା ଜନିତ ସଫଳତାକୁ WFP ଏକ ବିଶ୍ୱସ୍ତରୀୟ ମଡ଼େଲରେ ପରିଣତ କରିବାକୁ ଘୋଷଣା କରିଛି । ମୁଁ ଏହି ଉଦ୍ଦେଶ୍ୟରେ **1 ହଜାର 23 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ଏତଦ୍‌ବ୍ୟତୀତ, ମୁଁ 2022-23ର ଖରିଫ ଋତୁରେ ଗ୍ରାମୱାରୀ କ୍ଷେତ ସ୍ତରରେ ଧାନ ଜମିର ବିଶ୍ଳେଷଣ ପାଇଁ **71 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଦେଉଛି ।

## ଶକ୍ତି

**60.** ଗୁଣାତ୍ମକ ଏବଂ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ, ରାଜ୍ୟର ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ବିପୁଳ ନିବେଶ ମାଧ୍ୟମରେ ଶକ୍ତି କ୍ଷେତ୍ରରେ ବ୍ୟାପକ ସଂସ୍କାର ଆଣି, ବିଗତ କିଛି ବର୍ଷ ମଧ୍ୟରେ ରାଜ୍ୟ ସରକାର ସମଗ୍ର ରାଜ୍ୟରେ ଏହି କ୍ଷେତ୍ରର ରୂପରେଖରେ ବ୍ୟାପକ ପରିବର୍ତ୍ତନ ଆଣିଛନ୍ତି । ମୁଁ 2022-23 ଆର୍ଥିକ ବର୍ଷ ଲାଗି ଏହି କ୍ଷେତ୍ର ପାଇଁ **3 ହଜାର 4 ଶହ 82 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

**61.** ଉପଯୁକ୍ତ ଭୋଲ୍‌ଟେଜ୍ ସହିତ ନିରନ୍ତର (24x7) ବିଦ୍ୟୁତ୍ ଯୋଗାଇବା ପାଇଁ ଆମେ **ଓଡ଼ିଶା ବିତରଣ ବ୍ୟବସ୍ଥା ସୁଦୃଢ଼ୀକରଣ ଯୋଜନା (ODSSP)** ଅଧୀନରେ 33/11KV ସବଷ୍ଟେସନ ପ୍ରତିଷ୍ଠା ପାଇଁ ବିପୁଳ ଅର୍ଥ ନିବେଶ କରିଛୁ । ଏହି ଯୋଜନାର ଚତୁର୍ଥ ପର୍ଯ୍ୟାୟରେ, 99ଟି 33/11 KV ସବଷ୍ଟେସନ ଏବଂ ତତ୍‌ସଂପୃକ୍ତ ଲାଇନ ସହିତ 64ଟି ସ୍ୱାଧୀନ ଲାଇନ୍ ନିର୍ମାଣ ପାଇଁ 1 ହଜାର 7 ଶହ 97 କୋଟି ଟଙ୍କାର ପ୍ରକଳ୍ପ ଖର୍ଚ୍ଚକୁ ଅନୁମୋଦନ କରାଯାଇଛି । ମୁଁ ଏହି ଯୋଜନା ଅଧୀନରେ **9 ଶହ 90 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି ।

62. "**ସମସ୍ତଙ୍କ ପାଇଁ ବିଦ୍ୟୁତ୍ ସେବା**"କୁ ସୁନିଶ୍ଚିତ କରିବା ଲାଗି "**ବିଜୁ ଗ୍ରାମ ଜ୍ୟୋତି ଯୋଜନା**", "**ବିଜୁ ସହାରାଞ୍ଚଳ ବିଦ୍ୟୁତିକରଣ ଯୋଜନା**" ଏବଂ କେନ୍ଦ୍ରୀୟ ପ୍ରବର୍ତ୍ତିତ ଯୋଜନା – "**ସୌଭାଗ୍ୟ**"ର ରାଜ୍ୟଅଂଶ ବାବଦକୁ **1 ଶହ 78 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ।

63. ଭୁବନେଶ୍ୱର ଏବଂ କଟକ ସହାରାଞ୍ଚଳ କମ୍ପ୍ଲେକ୍ସରେ ନିରବଚ୍ଛିନ୍ନ ଭାବେ 24x7 ସ୍ଥିର ବିଦ୍ୟୁତ୍ ଯୋଗାଇ ଦେବା ଉଦ୍ଦେଶ୍ୟରେ **ରାଜ୍ୟ ରାଜଧାନୀ ଅଞ୍ଚଳ ବିଦ୍ୟୁତ୍ ସରବରାହ ଉନ୍ନତି ପ୍ରଣାଳୀ (SCRIPS)** ପ୍ରଚଳନ କରାଯାଇଛି । ଏହି ଉଦ୍ଦେଶ୍ୟରେ **1 ଶହ 70 କୋଟି ଟଙ୍କା** ଏବଂ **ବିପର୍ଯ୍ୟୟ ସହଣୀୟ Power System** ଅଧିନରେ **50 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛୁ ।

64. ଅଂଶଧନ ସହାୟତା ବାବଦରେ **OPTCL**କୁ **3 ଶହ 95 କୋଟି ଟଙ୍କା** ଏବଂ **OHPC**କୁ **9 ଶହ କୋଟି ଟଙ୍କା** ପ୍ରଦାନ ନିମନ୍ତେ ପ୍ରସ୍ତାବ ରହିଛି । ଏହିପରି ଭାବେ **PSU** ଗୁଡ଼ିକୁ ଅଂଶଧନ ସହାୟତା ବାବଦକୁ ମୋଟ୍ **1 ହଜାର 2 ଶହ 95 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ।

## ଶିଳ୍ପ, ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (MSME)

65. "**ପୂର୍ବ ଭାରତର ଉତ୍ପାଦନ କେନ୍ଦ୍ର**" ଭାବେ ଓଡ଼ିଶାର ଆବିର୍ଭାବ ହେଉଛି । ରାଜ୍ୟର ସମସ୍ତ ଜିଲ୍ଲାରେ ବିବିଧ କ୍ଷେତ୍ରରେ ଶିଳ୍ପ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ପାଇଁ ମୁଖ୍ୟତଃ ଧ୍ୟାନ ଦିଆଯାଉଛି । ସରକାର ନିବେଶକୁ ଆକର୍ଷିତ କରିବା ଉଦ୍ଦେଶ୍ୟରେ 2016 ଓ 2018 ମସିହାରେ "Make in Odisha" ସମ୍ମିଳନୀ ଆୟୋଜନ କରିଥିଲେ । ଜମି ଆବଣ୍ଟନ ପାଇଁ ନିରନ୍ତର ପ୍ରୟାସ ହେତୁ ଅଧିକ ନିଯୁକ୍ତି ସମ୍ଭାବନା ଥିବା 2 ଶହ 40ଟି କମ୍ପାନୀ ପ୍ରାୟ 1 ଲକ୍ଷ 34 ହଜାର କୋଟି ଟଙ୍କା ବିନିଯୋଗ କରି ବିଭିନ୍ନ ପ୍ରକଳ୍ପ ଆରମ୍ଭ କରିଛନ୍ତି । ରାଜ୍ୟର ଅର୍ଥନୀତିରେ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗର ଯଥେଷ୍ଟ ଯୋଗଦାନ ରହିଛି । ଏଯାବତ୍ ପ୍ରାୟତଃ 25 ହଜାର 7 ଶହ କୋଟି ଟଙ୍କା ବିନିଯୋଗରେ ପ୍ରାୟ 5 ଲକ୍ଷ 40 ହଜାର ଅଣୁ,

କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପ୍ରତିଷ୍ଠା କରାଯାଇଛି, ଯାହା 19 ଲକ୍ଷରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛି । ସରକାର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି । ଓଡ଼ିଶା ଷ୍ଟାର୍ଟ-ଅପ ନୀତି, 2016 ରାଜ୍ୟରେ ଏକ ଅନୁକୂଳ ବାତାବରଣ ଓ ସହାୟକ eco-system ସୃଷ୍ଟି କରିବାର ପରିକଳ୍ପନା କରିଛି । ଶିଳ୍ପ, MSME ଓ Startupକୁ ପ୍ରୋତ୍ସାହିତ କରିବା ଓ ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ 2022-23 ଆର୍ଥିକ ବର୍ଷରେ **1 ହଜାର 2 ଶହ 69 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ 29 ପ୍ରତିଶତ ଅଧିକ ଅଟେ ।

**66.** ମୁଁ **IPICOL କୁ ଅନୁଦାନ** ପାଇଁ **95 କୋଟି ଟଙ୍କା**, **ଶିଳ୍ପ ଭିତ୍ତିଭୂମିର ବିକାଶ** ପାଇଁ **IDCO**କୁ **1 ଶହ 97 କୋଟି ଟଙ୍କା**ର ଆର୍ଥିକ ସହାୟତା, ଶିଳ୍ପ ଓ MSME ର ବିକାଶ ପାଇଁ **SIDBI Cluster Development Fund** ଅଧିନରେ **2 ଶହ 70 କୋଟି ଟଙ୍କା**, ଚଳଚିତ୍ର ଉନ୍ନୟନ ନିମନ୍ତେ **OFDC** କୁ **53 କୋଟି ଟଙ୍କା**ର ଆର୍ଥିକ ସହାୟତା, **ଶିଳ୍ପକୁ IPR**ରେ ଥିବା ସହାୟତା ଲାଗି **37 କୋଟି ଟଙ୍କା** ଏବଂ **Land Bank Scheme** ଅଧିନରେ **50 କୋଟି ଟଙ୍କା** ର ବ୍ୟୟ ବରାଦ ପ୍ରସ୍ତାବ ରଖୁଛି ।

**67.** ମୁଁ MSME ପାଇଁ **6 ଶହ 23 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଦେଉଛି ଯେଉଁଥିରେ **MSME କ୍ଷେତ୍ର**ର ପ୍ରୋତ୍ସାହନ ପାଇଁ **1 ଶହ 65 କୋଟି ଟଙ୍କା**, **MSME କ୍ଷେତ୍ରକୁ ଆର୍ଥିକ ସହାୟତା** ବାବଦରେ **1 ଶହ 60 କୋଟି ଟଙ୍କା** ଏବଂ **ଖଦୀ ଓ ଗ୍ରାମୋଦ୍ୟୋଗ**ର ପ୍ରୋତ୍ସାହନ ପାଇଁ **73 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

### ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ

**68.** ହସ୍ତତନ୍ତ ଏବଂ ହସ୍ତଶିଳ୍ପ ଓଡିଶାର ଗୁରୁତ୍ୱପୂର୍ଣ୍ଣ ପାରମ୍ପରିକ କୁଟୀରଶିଳ୍ପ ଅଟେ । ଏହି କ୍ଷେତ୍ର, କୃଷି କ୍ଷେତ୍ର ପରେ ସର୍ବବୃହତ୍ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର । ହସ୍ତତନ୍ତ, ହସ୍ତଶିଳ୍ପ, ରେଶମ ଶିଳ୍ପ ଏବଂ ବୟନ ଶିଳ୍ପ କ୍ଷେତ୍ରରେ ଡିଜାଇନର ଉନ୍ନତି, ଉତ୍ପାଦକତାର ବୃଦ୍ଧି, ବିପଣନ ସହାୟତା, ଋଣର ଉପଲବ୍ଧି, ବୁଣାକାର ଓ ଚିତ୍ରକାରଙ୍କ ଦକ୍ଷତା ବୃଦ୍ଧି ଓ ସାମାଜିକ ସୁରକ୍ଷା

ସୁନିଶ୍ଚିତ କରିବା ପାଇଁ ମୁଁ **2 ଶହ 3 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ହସ୍ତଶିଳ୍ପର ପ୍ରୋତ୍ସାହନ ପାଇଁ **34 କୋଟି ଟଙ୍କା**ର ବ୍ୟୟବରାଦ ମଧ୍ୟରେ "**ହସ୍ତଶିଳ୍ପ ପାଇଁ ଅନୁଦାନ**" ଏବଂ "**ମୁଖ୍ୟମନ୍ତ୍ରୀ ବରିଷ୍ଠ କାରିଗର ସହାୟତା ଯୋଜନା**" ଅଧିନରେ ବୁଣାକାରମାନଙ୍କୁ ପ୍ରୋତ୍ସାହନ ରାଶି ଅନ୍ତର୍ଭୁକ୍ତ । **ହସ୍ତଶିଳ୍ପର ପ୍ରୋତ୍ସାହନ** ପାଇଁ **64 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ଯେଉଁଥିରେ "**ମୁଖ୍ୟମନ୍ତ୍ରୀ ବୟନ ଜ୍ୟୋତି ଯୋଜନା**" ପାଇଁ **15 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

## ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ

**69.** ରାଜ୍ୟର ଭୌଗୋଳିକ କ୍ଷେତ୍ରର 36 ଦଶମିକ 14 ପ୍ରତିଶତ ଜଙ୍ଗଲ ଓ ବୃକ୍ଷରାଜି ଦ୍ୱାରା ଆଚ୍ଛାଦିତ ଯାହାକି ଜାତୀୟ ସ୍ତରର ହାରାହାରି 24 ଦଶମିକ 62 ପ୍ରତିଶତଠାରୁ ଯଥେଷ୍ଟ ଅଧିକ । ମୁଁ 2022-23 ଆର୍ଥିକ ବର୍ଷରେ **ଜଙ୍ଗଲ କ୍ଷେତ୍ର** ପାଇଁ **2 ହଜାର 2 ଶହ 17 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ଏହି ବ୍ୟୟବରାଦ ମଧ୍ୟରେ **CAMPA ପାଣ୍ଠିରୁ 1 ହଜାର 1 ଶହ 5 କୋଟି ଟଙ୍କା**, JICA ସହାୟତାରେ ଚାଲୁଥିବା **ଓଡିଶା ଜଙ୍ଗଲ କ୍ଷେତ୍ର ଉନ୍ନୟନ ପ୍ରକଳ୍ପ**ର ଦ୍ୱିତୀୟ ପର୍ଯ୍ୟାୟର କାର୍ଯ୍ୟକାରିତା ପାଇଁ **1 ଶହ 32 କୋଟି ଟଙ୍କା** ଅନ୍ତର୍ଭୁକ୍ତ । **Joint Forest Management** ଅଧିନରେ ଅଧିକରୁ ଅଧିକ ବନାଞ୍ଚଳ ପରିସରଭୁକ୍ତ କରିବା ପାଇଁ ଉଦ୍ଦିଷ୍ଟ **ଆମ ଜଙ୍ଗଲ ଯୋଜନା** ଲାଗି **15 କୋଟି ଟଙ୍କା** ବ୍ୟୟବରାଦ ରହିଛି ।

## ଇସ୍ପାତ ଓ ଖଣି

**70.** ଓଡିଶା ସମଗ୍ର ଦେଶର ଖଣିଜ ପଦାର୍ଥର ଗନ୍ତାଘର । ଏଣୁ ଖଣିଜ ସମ୍ପଦର ସୁଦକ୍ଷ ଓ ଫଳପ୍ରଦ ଖନନ ତଥା ପରିଚାଳନା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଉଦ୍ଦେଶ୍ୟରେ ରାଜ୍ୟରେ **ସମନ୍ୱିତ ଖଣି, ଖଣିଜ ଦ୍ରବ୍ୟ ଓ ପରିଚାଳନା ବ୍ୟବସ୍ଥା (i3MS)** ଲାଗୁ କରାଯାଇଛି । ଏହା ଦ୍ୱାରା ଖଣିଜ ରାଜସ୍ୱ ଓ ଜିଲ୍ଲା ଖଣିଜ ପାଣ୍ଠିର (DMF) ପ୍ରାପ୍ୟ ଏବଂ ଖଣିଜ ପଦାର୍ଥ ପରିବହନ ବ୍ୟବସ୍ଥାକୁ ଅନଲାଇନ୍‌ରେ ବାସ୍ତବ ସମୟ ଭିତ୍ତିରେ ତଦାରଖ କରାଯାଇପାରୁଛି ।

ଏହା ଭାରତ ସରକାରଙ୍କ ଦ୍ୱାରା ପ୍ରଶଂସିତ ହୋଇଛି । ମୁଁ ଏହି କ୍ଷେତ୍ର ପାଇଁ **1 ଶହ 83 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ଦେଉଛି । ଏହା ମଧ୍ୟରେ **i3MS** ପାଇଁ **50 କୋଟି ଟଙ୍କା** ଏବଂ **ଖଣିଜ ପଦାର୍ଥର ଅନୁସନ୍ଧାନ ଓ ନିଲାମ** ପାଇଁ **38 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

## ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା

**71.** ସୂଚନା ପ୍ରଯୁକ୍ତି ବିଦ୍ୟା, SMART ପ୍ରଶାସନର ଚାବିକାଠି । 2022-23 ଆର୍ଥିକ ବର୍ଷରେ ଇଲେକ୍ଟ୍ରୋନିକ ଓ ସୂଚନା ପ୍ରଯୁକ୍ତି ବିଦ୍ୟା ବିଭାଗ ପାଇଁ **3 ଶହ 2 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି । ତନ୍ମଧ୍ୟରେ ସୂଚନା ପ୍ରଯୁକ୍ତି ବିଦ୍ୟାର ଭିତ୍ତିଭୂମିର ବିକାଶ ଓ ସଂଯୋଗୀକରଣ ପାଇଁ **1 ଶହ 36 କୋଟି ଟଙ୍କା**, **Electronics System Design & Manufacturing (ESDM)** ର ପ୍ରୋତ୍ସାହନ ପାଇଁ **44 କୋଟି ଟଙ୍କା** ଏବଂ **Social Protection Delivery Platform (SPDP)** ନିମନ୍ତେ **24 କୋଟି ଟଙ୍କା** ଅନ୍ତର୍ଭୁକ୍ତ । **Software Technology Park of India**ର ପ୍ରତିଷ୍ଠା ନିମନ୍ତେ **21 କୋଟି ଟଙ୍କା** ଏବଂ ସୂଚନା ପ୍ରଯୁକ୍ତି ବିଦ୍ୟାର ପ୍ରୟୋଗ ଓ ସେବା ପାଇଁ **27 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ରହିଛି ।

## ଆଭ୍ୟନ୍ତରୀଣ ନିରାପତ୍ତା ଓ ନ୍ୟାୟିକ ପ୍ରଶାସନ

**72.** ନ୍ୟାୟ ପ୍ରଦାନ, ଆଭ୍ୟନ୍ତରୀଣ ନିରାପତ୍ତା ବଜାୟ ରଖିବା, ଅପରାଧିକ କାର୍ଯ୍ୟର ନିୟନ୍ତ୍ରଣ ତଥା ନିବାରଣ, ଅଗ୍ନିଜନିତ ଦୁର୍ବିପାକର ପରିଚାଳନା ଓ ନିୟନ୍ତ୍ରଣ ଏବଂ ଏହିପରି ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ **7 ହଜାର 5 ଶହ 51 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି । ଏଥିମଧ୍ୟରୁ ଆରକ୍ଷୀ, ଅଗ୍ନିଶମ ଏବଂ କାରାଗାର ସଂଗଠନର ଆବାସିକ ଓ ଅଣଆବାସିକ ଗୃହ ନିର୍ମାଣ ନିମନ୍ତେ **3 ଶହ 60 କୋଟି ଟଙ୍କା**ର ବ୍ୟୟବରାଦର ପ୍ରସ୍ତାବ ରହିଛି । **Emergency Response Support System (ERSS), Dial-112** ପାଇଁ **46 କୋଟି ଟଙ୍କା** ବ୍ୟୟବରାଦ ହୋଇଛି । ଏହାଦ୍ୱାରା ଦେଶବ୍ୟାପୀ ସମସ୍ତ ପ୍ରକାର ଜରୁରୀକାଳୀନ ସେବା ପ୍ରଦାନ ନିମନ୍ତେ **Distress call** ଗୁଡିକୁ ଏକ ସ୍ଥାନରେ

ଗ୍ରହଣ କରାଯାଉଛି । **Crime and Criminal Tracking Network & Systems (CCTNS)** ପ୍ରକଳ୍ପ ପାଇଁ **30 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି ।

**73.** ଉଚ୍ଚ ଓ ଅଧସ୍ତନ ନ୍ୟାୟପାଳିକା ଦ୍ୱାରା ନ୍ୟାୟ ପ୍ରଦାନ ନିମନ୍ତେ **1 ହଜାର 2 ଶହ 69 କୋଟି ଟଙ୍କା** ବ୍ୟୟବରାଦ କରାଯାଇଛି । ତନ୍ମଧ୍ୟରେ ନ୍ୟାୟପାଳିକାର ଭିତ୍ତିଭୂମିର ବିକାଶ ପାଇଁ **2 ଶହ 14 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

## ଭୂ – ପ୍ରଶାସନ

**74.** ରାଜସ୍ୱ ଓ ପଞ୍ଜିକରଣ ପ୍ରଶାସନ ଅନେକ ସେବା ପ୍ରଦାନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ । ସେଥିମଧ୍ୟରେ ଭୂ-ଅଭିଲେଖ, ଜମିଜମା ବନ୍ଦୋବସ୍ତ, ଜମି ଅଧିଗ୍ରହଣ, ପଞ୍ଜିକରଣ ଓ ଷ୍ଟାମ୍ପ ଡ୍ୟୁଟି, ବିଭିନ୍ନ ପ୍ରକାରର ପ୍ରମାଣ ପତ୍ର ପ୍ରଦାନ ଏବଂ ଲଘୁ ଖଣିଜ ଦ୍ରବ୍ୟର ପରିଚାଳନା ଅନ୍ତର୍ଭୁକ୍ତ । 2022-23 ଆର୍ଥିକ ବର୍ଷରେ **1 ହଜାର 5 ଶହ 11 କୋଟି ଟଙ୍କା**ର ବ୍ୟୟବରାଦ କରାଯାଇଛି, ଯେଉଁଥିରେ ରାଜସ୍ୱ ନିରୀକ୍ଷକଙ୍କ ଦପ୍ତର ଓ ଆବାସିକ ଗୃହ ନିର୍ମାଣ, ଅଭିଲେଖର ଡିଜିଟାଇଜେସନ, IT Hardware ଏବଂ ସଂଯୋଗୀକରଣ, ସରକାରୀ ଜମିର ସୁରକ୍ଷା ଏବଂ ଲଘୁ ଖଣିଜ ଦ୍ରବ୍ୟ ପାଇଁ ପ୍ରବର୍ତ୍ତନ ବ୍ୟବସ୍ଥାକୁ ଦୃଢ କରିବା ପାଇଁ **3 ଶହ 21 କୋଟି ଟଙ୍କା** ଅନ୍ତର୍ଭୁକ୍ତ ।

## ବିପର୍ଯ୍ୟୟ ପରିଚାଳନା

**75.** ଓଡିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ । ବିଗତ ବର୍ଷ ମାନଙ୍କରେ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ ଆମର ପ୍ରସ୍ତୁତି ଓ ପରିଚାଳନା ସୁଦୃଢ କରିଛୁ, ଯାହାକି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତି ଲାଭ କରିଛି । ବିପର୍ଯ୍ୟୟ ପରିଚାଳନା ପାଇଁ ଆମେ **3 ହଜାର 2 ଶହ 62 କୋଟି ଟଙ୍କା**ର ବ୍ୟୟ ବରାଦ କରିଛୁ । ଏଥିମଧ୍ୟରେ **State Disaster Risk Management Fund** ଅଧୀନରେ **2 ହଜାର 2 ଶହ 46 କୋଟି ଟଙ୍କା** ଏବଂ **National Disaster Risk Management Fund** ଅଧୀନରେ **9 ଶହ 64 କୋଟି ଟଙ୍କା** ଅନ୍ତର୍ଭୁକ୍ତ । ବିପର୍ଯ୍ୟୟ ପ୍ରଶମନ କୌଶଳର ଅଂଶ ସ୍ୱରୂପ, ଆସନ୍ତା 3 ବର୍ଷ

ମଧ୍ୟରେ, 1 ଶହ 99 କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଲୁଣା ଆଡିବନ୍ଧର ସୁଦୃଢୀକରଣ ନିମନ୍ତେ **7 ଶହ 63 କୋଟି ଟଙ୍କା** ବିନିଯୋଗ କରାଯିବ ।

## ଯୋଜନା ଓ ସଂଯୋଜନ

**76.** 2022-23 ଆର୍ଥିକ ବର୍ଷରେ ମୁଁ ଯୋଜନା ଓ ସଂଯୋଜନ ବିଭାଗ ପାଇଁ ମୋଟ **3 ହଜାର 35 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରଖୁଛି । ବିଧାୟକ ସ୍ଥାନୀୟ ଅଞ୍ଚଳ ଉନ୍ନୟନ ପାଣ୍ଠି (**MLALAD**) ପାଇଁ **4 ଶହ 41 କୋଟି ଟଙ୍କା**, ସ୍ଥାନୀୟ ଅଞ୍ଚଳରେ କ୍ଷୁଦ୍ର ଓ ଆବଶ୍ୟକୀୟ ପ୍ରକଳ୍ପଗୁଡିକୁ ହାତକୁ ନେବା ପାଇଁ ଉଦ୍ଦିଷ୍ଟ **Special Problem Fund** ଅଧୀନରେ **1 ଶହ 50 କୋଟି ଟଙ୍କା**, **Biju KBK** ଯୋଜନା ଅଧୀନରେ **2 ଶହ 50 କୋଟି ଟଙ୍କା**, ଜିଲ୍ଲା ସ୍ତରରେ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ସ୍ଥାନୀୟ ଆବଶ୍ୟକତା ପୂରଣ କରିବା ପାଇଁ ଉଦ୍ଦିଷ୍ଟ **Critical Gap Fund** ପାଇଁ **42 କୋଟି ଟଙ୍କା** ବ୍ୟୟବରାଦର ପ୍ରସ୍ତାବ ରହିଛି । ଆଞ୍ଚଳିକ ବୈଷମ୍ୟ ଦୂରୀକରଣ ପାଇଁ **ପଶ୍ଚିମ ଓଡିଶା ବିକାଶ ପରିଷଦ (WODC)** ନିମନ୍ତେ **1 ଶହ 80 କୋଟି ଟଙ୍କା**ର ଅନୁଦାନ ରହିଛି । **ବିଜୁ କନ୍ଧମାଳ ଓ ଗଜପତି ଯୋଜନା** ନିମନ୍ତେ **29 କୋଟି ଟଙ୍କା** ଏବଂ ରାଜ୍ୟ ଓ ଜିଲ୍ଲା ସ୍ତରୀୟ ଯୋଜନା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ **22 କୋଟି ଟଙ୍କା** ପ୍ରଦାନର ପ୍ରସ୍ତାବ ରହିଛି ।

**77. ଜିଲ୍ଲା ଖଣିଜ ପାଣ୍ଠି (DMF)**ରୁ ପୌନଃପୁନିକ ହିସାବରେ ଏବଂ **Odisha Mineral Bearing Area Development Corporation (OMBADC)** ପାଣ୍ଠିରୁ ଏକକାଳୀନ ହିସାବରେ ଉପଲବ୍ଧ ସମ୍ବଳ ଖଣିଜ ସମ୍ପଦପୂର୍ଣ୍ଣ ଜିଲ୍ଲା ଗୁଡିକର ଉନ୍ନୟନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ । 2022-23 ଆର୍ଥିକ ବର୍ଷରେ ଜୀବିକା ଉପାର୍ଜନର ସୁଯୋଗ ସୃଷ୍ଟି, ପାନୀୟ ଜଳର ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଶିକ୍ଷା, ଜଳସେଚନ, ସଡକ ସଂଯୋଗିକରଣ ଏବଂ ଭିତ୍ତିଭୂମିର ସୃଷ୍ଟି ପାଇଁ **DMF** ଅଧୀନରେ **4 ହଜାର 10 କୋଟି ଟଙ୍କା**ର ସମ୍ବଳ ବିନିଯୋଗ କରାଯିବ । ସେହିପରି, ଖଣି ଉତ୍ତୋଳନ ଦ୍ୱାରା ପ୍ରଭାବିତ 8ଟି ଜିଲ୍ଲାରେ **3 ହଜାର 6 ଶହ 43 କୋଟି ଟଙ୍କା** ବିନିଯୋଗରେ OMBADC ପ୍ରକଳ୍ପ ହାତକୁ ନିଆଯିବ ।

## ଆର୍ଥିକ ପରିଚାଳନାରେ ସଂସ୍କାର

**78.** ମହାମାରୀର ପ୍ରଭାବ ଏବଂ ଏହାର କ୍ରମାଗତ ଲହର ଜନିତ ବିତ୍ତୀୟ କ୍ଷତି ସତ୍ତ୍ୱେ ବିଜ୍ଞ ଆର୍ଥିକ ପରିଚାଳନା ସହିତ Fiscal Marksmanship ଯୋଗୁଁ ଆମେ ବିତ୍ତୀୟ ଉତ୍ତରଦାୟୀ ବଜେଟ୍ ପରିଚାଳନା ଅଧିନିୟମ, 2005ରେ ନିର୍ଦ୍ଧାରିତ ଆର୍ଥିକ ସୂଚକାଙ୍କଗୁଡିକୁ ହାସଲ କରିବାରେ ସମର୍ଥ ହୋଇଛୁ ।

**79.** ଓଡିଶାର Fiscal Risk Management ବ୍ୟବସ୍ଥା ଭାରତୀୟ ରିଜର୍ଭ ବ୍ୟାଙ୍କ ଏବଂ ଆନ୍ତର୍ଜାତୀୟ ମୁଦ୍ରାପାଣ୍ଠି ପରି ବହୁପକ୍ଷୀୟ ସଂସ୍ଥା ସମେତ ବିଭିନ୍ନ ସହଭାଗୀ ଅନୁଷ୍ଠାନମାନଙ୍କଠାରୁ ବିପୁଳ ପ୍ରଶଂସା ଲାଭ କରିଛି । ଏହା ସୌଭାଗ୍ୟର ବିଷୟ ଯେ, IMF Head Quarter ର Annual Spring Meetings, 2022 ରେ 19 April, 2022 ରେ ଆୟୋଜିତ "**Building Capacity in Managing Fiscal Risk: A new fiscal risk Tool Kit**" ଅଧିବେଶନରେ ଓଡିଶାର Fiscal Risk Management ଅଭିଜ୍ଞତା ଏକ Case Study ଭାବେ ଉପସ୍ଥାପିତ ହୋଇଛି ।

**80.** ବିଗତ ଦୁଇ ବର୍ଷ ମଧ୍ୟରେ ଖଣିଜ ଲିଜ୍ ନବୀକରଣ ଦିଗରେ ଆମର ସକ୍ରିୟ ପଦକ୍ଷେପ ହେତୁ ଖଣିଜ ରାଜସ୍ୱର ଯଥେଷ୍ଟ ଅଧିକ ସଂଗ୍ରହ ହୋଇପାରିଛି । ଏହାଦ୍ୱାରା ମହାମାରୀ ସମୟରେ ଆବଶ୍ୟକୀୟ ସ୍ୱାସ୍ଥ୍ୟ ସେବା ପ୍ରଦାନ ସହ ଜୀବିକା ଉପାର୍ଜନର ସୁଯୋଗ ସୃଷ୍ଟି ନିମନ୍ତେ ସରକାରୀ ବ୍ୟୟ ବୃଦ୍ଧି କରାଯାଇ ପାରିଥିଲା । ତଥାପି ଏକ best practice ଭାବେ, ଖଣିଜ ରାଜସ୍ୱର ଯଥେଷ୍ଟ ଅଧିକ ଆଦାୟକୁ ଏକ ସକାରାତ୍ମକ Fiscal Shock ରୂପେ ବିବେଚନା କରିଛୁ । ଆନ୍ତର୍ଜାତୀୟ ବଜାରରେ ଉକ୍ତ ଦ୍ରବ୍ୟର ଅସ୍ଥିରତା ହେତୁ ମୂଲ୍ୟ ହ୍ରାସ ଘଟିଲେ, ରାଜ୍ୟ ବଜେଟ୍ ଏବଂ ସରକାରୀ ବ୍ୟୟ ନିଶ୍ଚୟ ନକାରାତ୍ମକ ଭାବେ ପ୍ରଭାବିତ ହେବ । ରାଜ୍ୟ ବଜେଟ୍ ଉପରେ ଧାତୁର ହଠାତ୍ ମୂଲ୍ୟ ହ୍ରାସ ଜନିତ ଆଘାତକୁ ନିଷ୍କ୍ରିୟ କରିବା ପାଇଁ ଏକ ପ୍ରଶମନ ପଦକ୍ଷେପ ରୂପେ ଆମେ **ବଜେଟ୍ ସ୍ଥିରୀକରଣ ପାଣ୍ଠି (Budget Stabilization Fund**) ଗଠନ କରିବାକୁ ଯାଉଛୁ । ଏହା ସମଗ୍ର ଦେଶରେ ଏକ

ଅଭିନବ ପଦକ୍ଷେପ । ଏହାଦ୍ବାରା ଅପ୍ରତ୍ୟାଶିତ ରାଜସ୍ବ ଅଭାବ କିମ୍ବା ବଜେଟ୍ ନିଅଣ୍ଟ ସମୟ ପାଇଁ କି ଆମେ କିଛି ବଳକା ରାଜସ୍ବ ଅଲଗା ରଖିବାରେ ସମର୍ଥ ହେବୁ ।

**81.** ଆମେ ସମ୍ବଳ ସଂଗ୍ରହ ଲାଗି ନେଇଥିବା ପଦକ୍ଷେପ ସୁଫଳ ଆଣିଦେଇଛି, ଯାହାଦ୍ବାରା ମୋଟ୍ ରାଜସ୍ବ ଆୟରେ ଆମର ଅଂଶ ବୃଦ୍ଧି ପାଇଛି । 2021-22 (ସଂଶୋଧିତ ଅଟକଳ) ଅନୁଯାୟୀ ରାଜ୍ୟର ନିଜସ୍ବ ରାଜସ୍ବ, ମୋଟ୍ ରାଜସ୍ବର 61 ପ୍ରତିଶତ, ଯଦ୍ଵାରା କେନ୍ଦ୍ରୀୟ ହସ୍ତାନ୍ତର ଉପରେ ଆମର ନିର୍ଭରଶୀଳତା କମିଛି । ଅଧିକ ଖର୍ଚ୍ଚକୁ ପ୍ରେତ୍ସାହିତ କରିବା ଲାଗି ଅର୍ଥ ବିଭାଗ ବିଭିନ୍ନ ନିୟମାବଳୀକୁ କୋହଳ କରିବା ସମେତ ବିଭିନ୍ନ ସ୍ତରରେ ଥିବା ପଦାଧିକାରୀମାନଙ୍କର ଆର୍ଥିକ କ୍ଷମତାକୁ ବୃଦ୍ଧି କରିଛନ୍ତି ।

**82.** ଆମର ଅନ୍ୟ ଏକ ରୂପାନ୍ତରଣକାରୀ ପଦକ୍ଷେପ ଦ୍ଵାରା ପେନ୍‌ସନଭୋଗୀମାନଙ୍କ ଚିହ୍ନଟ ପାଇଁ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଧାରିତ ଜ୍ଞାନ କୌଶଳକୁ ବ୍ୟବହାର କରାଯାଉଛି । ମାନ୍ୟବର ମୁଖ୍ୟମନ୍ତ୍ରୀ 29, ଡିସେମ୍ବର, 2021 ତାରିଖରେ ଏହାର ଶୁଭାରମ୍ଭ କରିଛନ୍ତି । 5ଟି ଜିଲ୍ଲା କୋଷାଗାର ଏବଂ ସମସ୍ତ ସ୍ଵତନ୍ତ୍ର କୋଷାଗାରରେ **End-to-End Digital Transaction (e-voucher)**କୁ ଏକ **PILOT** ପ୍ରକଳ୍ପ ଭାବେ ଆରମ୍ଭ କରାଯାଇଛି । ଆମେ ଏହି ବ୍ୟବସ୍ଥାକୁ ସମସ୍ତ କୋଷାଗାରରେ ଆରମ୍ଭ କରିବାକୁ ଯୋଜନା କରୁଛୁ ।

**83.** ମୁଁ ଅତ୍ୟନ୍ତ ଆନନ୍ଦର ସହିତ ଉଲ୍ଲେଖ କରୁଛି ଯେ, 7 ଜୁନ, 2022ରେ ମାନ୍ୟବର କେନ୍ଦ୍ର ଅର୍ଥମନ୍ତ୍ରୀଙ୍କ ଦ୍ଵାରା **Single Nodal Account (SNA)** Dashboard ଉନ୍ମୋଚନ ଉତ୍ସବରେ ଓଡିଶା ସମଗ୍ର ଦେଶରେ ଏକ ମାତ୍ର ରାଜ୍ୟ ହିସାବରେ ଉପସ୍ଥାପକ ଭାବେ ନିମନ୍ତ୍ରିତ ହୋଇଥିଲା । ବିତ୍ତୀୟ ପ୍ରଶାସନ ଏବଂ ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟା କ୍ଷେତ୍ରରେ ଓଡିଶା ଦ୍ଵାରା ଗ୍ରହଣ କରାଯାଇଥିବା ସର୍ବୋତ୍ତମ ବ୍ୟବସ୍ଥାର ଏହା ଏକ ସ୍ଵୀକୃତି ।

## ଉପସଂହାର

**84.** ରାଜ୍ୟର ବିକାଶ ନିମନ୍ତେ ଆମ ସମ୍ମୁଖରେ ଅନେକ ଆହ୍ୱାନ, କିନ୍ତୁ ଆମର ସମ୍ବଳ ସୀମିତ । ଆମେ ଏହି ବଜେଟ୍‌ରେ ଉପଲବ୍ଧ ସମ୍ବଳର ସଦୁପଯୋଗ କରି, ଆହ୍ୱାନଗୁଡିକୁ ମୁକାବିଲା କରିବା ଲାଗି ବଦ୍ଧପରିକର । ଆମର ଦୂରଦର୍ଶୀ ନେତା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ତାଙ୍କର ପ୍ରଶାସନର ରୂପାନ୍ତରଣକାରୀ ମଡେଲ୍‌ରେ ରାଜ୍ୟବାସୀଙ୍କ ସର୍ବାଙ୍ଗୀନ ବିକାଶ, ସମୃଦ୍ଧି ଓ କଲ୍ୟାଣକୁ ସର୍ବଦା ପାର୍ଥମ ସ୍ଥାନ ଦେଇଛନ୍ତି । ଆମେ ଜନସାଧାରଣଙ୍କର ଆଶା ଓ ଆକାଂକ୍ଷାର ପୂର୍ତ୍ତି ନିମନ୍ତେ ଆମର ସର୍ବୋତ୍ତମ ପ୍ରୟାସ ଜାରି ରଖିଛୁ । ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ନିମ୍ନଲିଖିତ ଉକ୍ତି ସହିତ ମୁଁ ବର୍ତ୍ତମାନ ଏହି ବଜେଟକୁ ଓଡିଶାବାସୀଙ୍କୁ ଉତ୍ସର୍ଗ କରୁଛି ।

**"କର୍ମଫଳ ନୁହେଁ ବରଂ କର୍ମହିଁ ଗୁରୁତ୍ୱପୂର୍ଣ୍ଣ । ଆମେ ଉଚିତ କର୍ମ କରିବା ବାଞ୍ଛନୀୟ । ଏହା ଆମ ସାମର୍ଥ୍ୟ ଓ ସମୟ ମଧ୍ୟରେ ଫଳବତୀ ହୋଇନପାରେ । କିନ୍ତୁ ତାହା ଅର୍ଥ ନୁହେଁ ଯେ, ଆମେ ସଠିକ୍ କର୍ମ କରିବାରୁ ବିରତ ରହିବା ।"**

**// ବନ୍ଦେ ଉତ୍କଳ ଜନନୀ //**

**ଜୟହିନ୍ଦ୍**

***